ସ୍ୱର୍ଗୀୟ ୬ ଦୀନକୃଷ୍ଣ ଦାସଙ୍କ ଭାବାନୁସାରୀ

# ନାମରତ୍ନଗୀତା ।

## ଚତୁର୍ଥ ଭାଗ ।

ଶ୍ରୀ ହରେକୃଷ୍ଣ ଦାସଙ୍କ ଦ୍ୱାରା ରଚିତ ।

ଶ୍ରୀ ନରସିଂହଚରଣ ଦାସଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

କଟକ, ଚନ୍ଦ୍ରୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ।

Printed by H K
Chandrod[illegible]
CU[illegible]

# ନାମରତ୍ନଗୀତା ।

## ଚତୁର୍ଥ ଭାଗ ।

### ଏକସପ୍ତତିତମ ଅଧ୍ୟାୟ ।

ଜୟ ଜୟ ଜଗନ୍ନାଥ ପତିତପାବନ । ଜୟ ଜୟ ଜଗନ୍ନାଥ ଶ୍ରୀମଧୁସୂଦନ ॥ ଜୟ ଜୟ ଜଗନ୍ନାଥ ବିପଦବାରଣ । ଜୟ ଜୟ ଜଗନ୍ନାଥ କରୁଣାନିଧାନ ॥ ଦୀନକୃଷ୍ଣ ଦାସ ସଦା ତବ ପଦଭୃତ୍ୟ । ନାମରତ୍ନଗୀତା ଲେଖେ ଲୋକଙ୍କର ହିତ ॥ କରଯୋଡ଼ି ବିନୟରେ ପୁଚ୍ଛଇ ଅର୍ଜୁନ । ଯୁଗଧର୍ମ କଥା ମୋତେ କହ ଭଗବାନ ॥ କି ଏସେ କେଉଁ ଯୁଗରେ ପ୍ରତାପୀ ହୋଇବ । କାହାର ହାତରେ ପୁଣି ସେହି ନାଶଯିବ ॥ ବୋଲନ୍ତି ଅଚ୍ୟୁତ ତୁମ୍ଭେ ଶୁଣ କୁନ୍ତୀସୁତ । ସତ୍ୟଯୁଗ ଧର୍ମ କଥା କହେ ତୋ ଅଗ୍ରତ ॥ ସତ୍ୟଯୁଗେ ପ୍ରାଣୀମାନେ ସତ୍ୟବନ୍ତ ହେବେ । ଲୋଭ ମୋହ ହିଂସା ଆଦି ସକଳ ତେଜିବେ ॥ ବ୍ରାହ୍ମଣ ବେଦବିଧିରେ ହୋମକାର୍ଯ୍ୟ କରି । ବ୍ରତ ତପସ୍ୟାରେ ରତ ହେବେ ଦଣ୍ଡ ଧରି ॥ କ୍ଷତ୍ରିୟେ ଶସ୍ତ୍ର ବିଦ୍ୟାରେ ନିପୁଣ ହୋଇବେ । ବୈଶ୍ୟମାନେ ବାଣିଜ୍ୟରେ ପାରଦର୍ଶୀ ହେବେ ॥ ଶୂଦ୍ରମାନେ ସେବାକରି ଥିବେ ନିରନ୍ତର । ମନରୁ ତେଜି ସେମାନେ ମାନ ଅହଙ୍କାର ॥ ସତ୍ୟ ତ୍ରେତୟା ଦ୍ୱାପର କଳି ଏହି ଚାରି । ଏଥିରୁ ପଞ୍ଚମ ନାହିଁ ହେ ଗାଣ୍ଡୀବଧାରୀ ॥ ସତ୍ୟଯୁଗେ ବଳିରାଜା ରାଜ୍ୟ କରିବ । ବାହୁବଳେ ସସାଗର ପୃଥିବୀ ଜିଣିବ ॥ ଦାନ ଦେଇ ଲୋକଙ୍କୁ ସେ କରିବ ଆପ୍ଲୁତ । ତାହା ପାଇଁ ମର୍ତ୍ତ୍ୟେ ଜନ୍ମ ହୋଇବେ ଅଚ୍ୟୁତ ॥ ବାମନସ୍ୱରୂପ ଧରି ବଳିରାଜା ଦ୍ୱାରେ । ସାମବେଦ ପଢ଼ିବେ ସେ ଅତି ଉଚ୍ଚସ୍ୱରେ ॥ ତ୍ରିପାଦଭୂମି ତାଠାରୁ

ଦାନ ସେ ଘେନବେ । ପାତାଳପୁରକେ ନେଇ ତାହାଙ୍କୁ ରଖିବେ ।
ସତ୍ୟଯୁଗର ମହିମା କେ ପାରିବ କହି । ସେ ଯୁଗ ସମାନେ ପାର୍ଥ ଆଉ-
ଯୁଗ ନାହିଁ ॥ ତ୍ରେତା ଯୁଗ କଥା ଏବେ କହୁଅଛୁ ଶୁଣ । ଏକପାଦ
ଧର୍ମହାନି ହୋଇବଟି ଜାଣ ॥ ସେ ଯୁଗେ ପରଶୁରାମ ରୂପେ ହରି ।
ନିକ୍ଷତ୍ରୀ କରିବେ ସସାଗରା ବସୁନ୍ଧରା ॥ ପୁଣି ରାମରୂପଧରି ମର୍ତ୍ତ୍ୟରେ
ଜନ୍ମିବେ । ରାବଣର ବଂଶ ନାଶି ବୈକୁଣ୍ଠକୁ ଯିବେ ॥ ଦ୍ୱାପରେ ଦୁଇ-
ପାଦ ଯେ ଧର୍ମହେବ ହାନି । କଂସ ଦୈତ୍ୟ ଜାତହୋଇ ପୀଡ଼ିବ ସେ
ପ୍ରାଣୀ ॥ କୃଷ୍ଣ ଅବତାର ହୋଇ ପ୍ରଭୁ ଜନାର୍ଦ୍ଦନ । ତାହାଙ୍କୁ ନାଶ
କରିବେ ଅହେ ଅର୍ଜୁନ ॥ କଳିଯୁଗରେ ପୁରୁଷୋତ୍ତମ କ୍ଷେତ୍ରେ ରହି ।
ମହିମା ବିସ୍ତାର କରିବେ ଯେ ଭବଗ୍ରାହୀ ॥ ସେ ଯୁଗରେ ଧର୍ମ ଏକ
ପାଦରେ ରହିବ । ଅସତ୍ୟ ଦାରୁଣ ଘୋର କଳିଯୁଗ ହେବ ॥ ସଂସାର
ଜନଙ୍କ ପୁଣ୍ୟ ସବୁ ହେବ ନାଶ ॥ ଯେ ଯାହାର କ୍ରିୟାକର୍ମ ତେଜିବେ
ଅବଶ୍ୟ ॥ ନାରୀମାନେ ପରପୁଂସେ ସଦା ରତ ହେବ । ବ୍ରାହ୍ମଣେ
ବେଦବିଦ୍ୟାଦି ସମ୍ଭଲେ ତେଜିବେ ॥ ଦେବତାମାନେ ସମସ୍ତେ ହୋଇବେ
ଗୁପତ । ଘରେ ଘରେ କଳିହେବ ଜାଣ ଅହେ ପାର୍ଥ ॥ ପିତାପୁତ୍ରେ
କଳିହେବ ଶାଶୁ ବହୂଙ୍କର । କଳି ଲାଗିବ ଯେ ତାହା ଅତି ଅଗୋଚର ॥
ଯଥା କାଳେ ମେଘ ପୁଣି ବୃଷ୍ଟି ନ କରିବ । ଶସ୍ୟହାନି ହୋଇବାରୁ
ମରିବେଟି ଜୀବ ॥ ଗାଈମାନେ ଦୁଗ୍ଧବତୀ କେବେ ନ ହୋଇବେ ।
ପିତାମାତା ଚରଣରେ କେହି ନ ସେବିବେ ॥ ମୋ ନାମ ଯେ ଭଜିବ
ସେ ହୋଇବ ଉଦ୍ଧାର । ସତ୍ୟ ସତ୍ୟ ଏହିକଥା ଜାଣ ବୀରବର ॥ ଅର୍ଜୁନ
ବୋଇଲେ ପ୍ରଭୁ ଶୁଣ ଭବଗ୍ରାହୀ । ନାମର ମହିମା କିଛି କହ ହେ
ଗୋସାଇଁ ॥ ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ଅରଜୁନ । ନାମ ଯେ
ଭଜଇ ସେହୁ ନ ଦେଖେ ଶମନ ॥ ନାମଗୋଷ୍ଠି ହୃଦେ ଯେବେ ସର୍ବଦା
ଜପିବ । ସେ ପ୍ରାଣୀକି କେତେବେଳେ ଆପଦ ନୋହିବ ॥ ନାମବିନୁ
ଏ ଜଗତେ ନାହିଁ କିଛି ଆନ । ଯେ ନାମ ଭଜଇ ସେହୁ ମୋହର

ସମାନ ॥ ଏତେ ବଲ୍ଲ ଭଗବାନ ହୋଇଲେ ମଉନ । ଦୀନକୃଷ୍ଣ ଦାସ ସଦା ଭଜେ ସନାତନ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଯୁଗଧର୍ମନିର୍ଣ୍ଣୟେ ନାମ ଏକସପ୍ତତିତମୋଽଧ୍ୟାୟଃ ।

—o—

## ଦ୍ୱିସପ୍ତତିତମ ଅଧ୍ୟାୟ ।

ପୁଣି ପାର୍ଥ ପୁଚ୍ଛାକଲେ ଶିରେ ଦେଇ କର । ଅବର କଥାଏ ମୋତେ କହ ଚକ୍ରଧର ॥ ପତିହୀନା ନାରୀଙ୍କର ହୁଏ କେଉଁ ଗତି । ସେ କଥା ବିସ୍ତରି ମୋତେ କହ ଶ୍ରୀପତି ॥ ଶ୍ରୀହରି ବୋଇଲେ ଅଛି କଥା ପଚାରିଲୁ । ବିଧବାନାରୀଙ୍କ କଥା ଯାହା ଜାଣିଥିଲୁ ॥ ତାହା ତୋର ଆଗେ ଏବେ କହିବାଇ ଯେ କହି । ପତିବିନା ସ୍ତ୍ରୀଙ୍କର ଅନ ସଖା ନାହିଁ । ବିଧବା ନାରୀର ଦଶା କେହୁ କେହି ପାରେ । ଜୀବଥିବା ଯାଏ ସୁଖ ନାହିଁ ତା ସଂସାରେ ॥ ସ୍ୱାମୀହୀନା ହୋଇକରି ଦୁଃଖେ କାଟେ ଦିନ । କାମଶରେ ଘାରି ହୋଇଥାଏ ତାର ମନ ॥ ସଧବା ନାରୀ ଯଦ୍ୟପି ଦେଖେ ସେ ନେତ୍ରରେ । ପତି କଥା ଚେତେବେଲେ ପଡ଼ଇ ମନରେ ॥ ଭବଇ ମୋ ହରି ଯେବେ ଥାନ୍ତା ପୁଣି ପତି । ଏହିପରି ବୁଲୁଥାନ୍ତି ମୁଁ ଆନନ୍ଦେ ମାତି ॥ ଶେରସ୍ତର ଗୁଣ ସବୁ ଗୁଣଇ ହୃଦର । ସ୍ୱାମିର ପ୍ରୀତି ତହିଁ ନଷ୍ଟହୁଏ ତାର ॥ ଯେଣୁ ପାପକଥା ତାର ଉଦୟ ହୁଅଇ । ତେଣୁ ଅନ୍ତମକାଳରେ ନର୍କକୁ ଗମଇ ॥ ଅପର ଜନମେ ପୁଣି ବଡ଼ ଦୁଃଖ ପାଏ । ଏହିପରି ଅଗତିଁ ଯେ ଲଭିଛି ଯାତାଏ ॥ ଏଥିପାଇଁ ଶାସ୍ତ୍ରରେ ଯେ ହୋଇଛି ବଖାଣ । ସତୀନାରୀ ପତି ସଙ୍ଗେ ତେଜିବ ପରାଣ ॥ ସେ ନାରୀ ନିଶ୍ଚେ ବୈକୁଣ୍ଠପୁରକୁ ଚଳିବ । ଇହଲୋକେ ଧନ୍ୟ ଧନ୍ୟ ପଦ ସେ ପାଇବ ॥ ଯେ ଅବା ପ୍ରାଣର ଭୟେ ନ ତେଜିବ ଦେହ । ବ୍ରହ୍ମଚାରିଣୀ ପର୍ଯ୍ୟେ ଥିବ ଅହରହ ॥

ସଦା ଶୁଚିମନ୍ତେ ଥିବ ସତ୍ୟ କହୁଥିବ । ଅପର ସଙ୍ଗରେ କେବେ କେଳି ନ କରିବ ॥ କାମ କ୍ରୋଧ ଲୋଭ ମୋହ ପରିତ୍ୟାଗ କରି । ଶୁକ୍ଳବସ୍ତ୍ର ନିଜ ଅଙ୍ଗେ ପରିଧାନ କରି ॥ ହବିଷ୍ୟ ଅନ୍ନ ଭକ୍ଷିଣ କାଟୁଥିବ ଦିନ । ଅଳଙ୍କାର କୁଙ୍କୁମାଦି କରିବ ବର୍ଜନ ॥ ପରପୁରୁଷ ସଙ୍ଗରେ କଥା ନ କହିବ । ସନ୍ଧ୍ୟାହେଲେ ହରିନାମ ସ୍ମରଣ କରିବ ॥ ପୁରାଣ ଶୁଣିବ ବସି ସୁନିର୍ମଳ ଚିତ୍ତେ । ତାମ୍ବୁଲ ସେ ନ ଖାଇବ ଜାଣ କଦାଚିତେ ॥ ଏକାଦଶୀ ଶ୍ରୀକୃଷ୍ଣଜନ୍ମ ବ୍ରତକୁ ଅଚରି । ନିଦ୍ରାକୁ ତେଜିବ ପ୍ରାତେ ହରିନାମ ଧରି ॥ ଏପରି ହୋଇଲେ ତାର ଗତିମୁକ୍ତି ହୁଏ । ଏଥିରୁ ଅନ୍ୟଥା କଲେ ନରକକୁ ଯାଏ ॥ ଯମଦୂତେ ତାହାକୁ ସେ ଦଣ୍ଡି ନ ପାରନ୍ତି । ବିଷ୍ଣୁଦୂତେ ତାର ସଦା କିଙ୍କର ହୁଅନ୍ତି ॥ ଚନ୍ଦ୍ରମା ଦେଖିଲେ ଯେସନେ ପଳାଏ ଅନ୍ଧାର । ସେରୂପେ ପାତକରାଶି ହୋଇଯାନ୍ତି ଦୂର ॥ ସତ୍ୟ ସତ୍ୟ ଏହୁ କଥା ଅଟେ ବୀର ପାର୍ଥ । ଅସତୀ ନାରୀର କଥା ବଡ଼ ଅଚରିତ ॥ ପତି ଯେତେବେଳେ ତାର ମରଣ ଲଭଇ । ତତକ୍ଷଣେ କଙ୍କଣାଦି ହସ୍ତୁ ଫିଙ୍ଗିଦେଇ ॥ ଅରନ୍ଧନ ପାନଖାଇ ହାତକୁ ହଲାଇ । ଝଣ୍ଟାରେ ଝଣ୍ଟାମୃତାକୁ ଯତନେ ପକାଇ ॥ ବୋଲେ ଯେ ସଂସାରୁ ଗଲା ତାର ପାଇଁ ଶୋକ । କରନ୍ତି ସର୍ବଦା ବସି ଅଜ୍ଞାନୀ ମୂରୁଖ ॥ ସାଧୁ ପଡ଼ୋଶୀ ଯେବେ ବୁଝି ସେ କହନ୍ତି । ସେମାନଙ୍କୁ ଗାଳିଦେଇ ଫୁଲାଇଣ ଥିତି ॥ ପରପୁରୁଷ ସଙ୍ଗରେ ମାତେ ଦିନରାତି । ଏପରି ରମଣୀ ଜାଣ ପାଏ ନର୍କଗତି ॥ ଅନେକ ଦୁଃଖ ପାଏ ସେ ଇହପର ଲୋକେ । ଧାତମନୁ ବାସକରେ କୁମ୍ଭୀପାକ ନର୍କେ ॥ ନାରୀଙ୍କ ବିଷୟ ତୋତେ କହିଲୁଁ ଅର୍ଜ୍ଜୁନ । ଆଉ କିସ ଶୁଣିବାକୁ ଅଛି ତୋର ମନ ॥ ଡାକ୍ତା ମୋତେ କହ ତୋତେ କହିବା ବୁଝାଇ । ଯେଣୁ ପ୍ରାଣସଖା ପାର୍ଥ ଅଟୁ ମୋର ଭାଇ ॥ ଶୁଣିକରି ଧନଞ୍ଜୟ ହୋଇ କୃତକୃତ୍ୟ । ପାଦେ ପଡ଼ି କରଯୋଡ଼ି ବୋଲଇ ଏମନ୍ତ ॥ ହେ ଦୀନବାନ୍ଧବ ହରି କରୁଣାସାଗର । ତୋହର ଚରଣ-

ଚଳେ ମତି ଆଉ ମୋର ॥ ତୁମ୍ଭ ନାମ ରତ୍ନ ଏ ହୋଇଲା ମୁକ୍ତି ।
ତାହା ଯୋଗେ ସେହ୍ନିକର କହ ନିରୋପଣ ॥ ଶ୍ରୀହରି ବୋଇଲେ
ଏବେ କହୁଅଛୁ ଶୁଣ । ଦୀନକୃଷ୍ଣ ଦାସ କରେ ନାମରୁ ଭଜନ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବିଧବାନାଶୀ
ବିଷୟ କଥନେ ନାମ ଦ୍ୱିଷଷ୍ଠିତମୋଽଧ୍ୟାୟଃ ।

—o—

## ତ୍ରିଷଷ୍ଠିତମ ଅଧ୍ୟାୟ ।

ଶୁଣ ତୁ ହେ ଅର୍ଜୁନ ବୋଲନ୍ତି ଅଚ୍ୟୁତ । ସେ କଥା ବିସ୍ତାରି ହେତେ କହୁଦେବା ପାର୍ଥ ॥ ସାତବରଷର ଧ୍ରୁବ ନାମକୁ ଭଜିଲେ । ମାର୍କଣ୍ଡ ପରମାୟୁ ମୁନି ସେ ଯେ ନୋହିଲେ ॥ ଧନଞ୍ଜୟ ପଚାରିଲେ କହ ତା ବିସ୍ତାର । ଶ୍ରୀହରି କହନ୍ତି ଶୁଣ ହେ ଗାଣ୍ଡୀବଧାରୀ ॥ ମକର ମାସରେ ପୁଣି ଏକାଦଶୀ ଦିନ । ସର୍ବ ମୁନି ଗଙ୍ଗାଜଳେ କଲେ ଯାଇଁ ସ୍ନାନ ॥ ଅଙ୍ଗିରା ଭାର୍ଗବ ଭୃଗୁ ପରାଶର ଶୁକ । ନାରଦ ବୈଶମ୍ପାୟନ ସନନ୍ଦ ଶୌନକ । ଗାର୍ଗବ ଚ୍ୟବନ ଆଦି ବିଶ୍ୱାମିତ୍ର ଋଷି । ସ୍ନାନସାରି ଏକସ୍ଥାନେ ସର୍ବେ ଛନ୍ତି ବସି । ଏହି ସମୟେ ଅଗସ୍ତି ପୁଚ୍ଛିଲେ ବଚନ । ଆହେ ପରାଶର କହ ହରିଗୁଣମାନ ॥ ସେ ବୋଇଲେ ଅନେକ ମୁଁ ଶାସ୍ତ୍ର ବିଚାରିଲି । ହରିଗୁଣ ବର୍ଣ୍ଣିବାକୁ ସକ୍ଷମ ନୋହିଲି ॥ ମୁଁ ସ୍ଥୂଳ କି କହିପାରେ ତାହାଙ୍କର ଗୁଣ । ଯାହାଙ୍କର ଗୁଣ ସବୁ ବାକ୍ୟ ଅକଥନ ॥ ପୁଣି ଅଗସ୍ତି ବୋଇଲେ ଆହେ ବ୍ୟାସଦେବ । ଶ୍ରୀହରି ମହିମା ମୋତେ କିଛି ହେ କହିବ ॥ ସେ ବୋଇଲେ ବହୁତ ମୁଁ ପୁରାଣ ରଚିଲି । ହରି ମହିମାର କିଛି ଅନ୍ତ ନ ପାଇଲି ॥ ଶୁକଙ୍କୁ ପୁଚ୍ଛିଲେ ପୁଣି ସେ ଋଷି ଅଗସ୍ତି । ତୁମ୍ଭେ କହିପାରିବ କି ଶ୍ରୀହରିଙ୍କ କୀର୍ତ୍ତି ॥ ସେ କହିଲେ ମୁହିଁ ମଧ୍ୟ କହି ସେ ନ ପାରେ । ବାସୁକୀ ସହସ୍ର ମୁଖେ ଯା ବର୍ଣ୍ଣି ନ ପାରେ ॥ ତାହା ମୁହିଁ କହିବାକୁ ହେବ କି ସାଧନ । ଆନକୁ ପଚାର ତୁମ୍ଭେ ଯାଇଁ ତପୋଧନ ॥ ଅଗସ୍ତି ବିରସେ ତହୁଁ ପୁଚ୍ଛିଲେ ନାରଦେ । କହିପାରିବ କି ହରିଗୁଣରୁ ସେ

ପଢ଼େ । ସେ ବୋଇଲେ ଅଟନ୍ତି ଯେ ଅନାଦି ପୁରୁଷ । ମହିମା ବର୍ଣ୍ଣିବେ କେ ଏ କରଇ ସାହସ ॥ ମୁହିଁ ଛାର କାହିଁ ଥିବା ସେ କଥା ଜାଣିବ । ହରି ବ୍ରହ୍ମା ଯେଉଁ ଗୁଣ ନ ପାଇଲେ ଭାବ ॥ ଏହା ଶୁଣି ଅଗସ୍ତି ଯେ ଗଲେ ତତକ୍ଷଣେ । ଅଙ୍ଗିରା ଋଷିଙ୍କୁ ଯାଇଁ ପୁଚ୍ଛିଲେ ସେ କ୍ଷଣେ । ଅଙ୍ଗିରା ବୋଇଲେ ମୁହିଁ କହି ନ ପାରିବି । ବେଦ ଜାଣି ନାହିଁ ଯାର ମହିମାକୁ ଲବ । ତହୁଁ ଅଗସ୍ତି ପୁଚ୍ଛିଲେ ମାର୍କଣ୍ଡ ମୁନିଙ୍କୁ । ଶ୍ରୀହରି ମହିମା କିଛି କହିବ ଆମ୍ଭଙ୍କୁ । ସେ ବୋଇଲେ ଯୁଗ ଶେଷ ହେଲା ଯେତେବେଳେ । ଭାସି ଯାଉଥିଲି ମୁହିଁ ଏକାଟଳିଲେ । ଥଳ କୂଳ ନ ପାଇଣ ମହାଆର୍ତ୍ତି ହୋଇ । ପ୍ରଳୟ ସାଗରେ ହରିନାମ ଥିଲି ଧ୍ୟାଇ । ତ୍ରାହିକର ତ୍ରାହିକର ହେ ମଧୁସୂଦନ । ବୋହିଲେ ଅଗାଧ ଜଳେ ଗଲା ମୋ ଜୀବନ ॥ ସେ ଆର୍ତ୍ତ ଧ୍ୱନି ଶ୍ରୀହରି କର୍ଣ୍ଣେ ପ୍ରବେଶନ୍ତେ । ତକ୍ଷଣେ ଜଳୁଁ ଉଦ୍ଧରି ନେଲେ ଯେ ଅଚ୍ୟୁତେ ॥ ଗର୍ଭ ମଧ୍ୟରେ ନେଇଣ ମୋତେ ଠାବ ଦେଲେ । ସୃଷ୍ଟିରେ ରହିଥା ବୋଲି ପୁଣି ସେ କହିଲେ ॥ ଦେଖିଲି ଶ୍ରୀହରି ଗର୍ଭ ମଧ୍ୟରେ ମୁଁ ଥାଇଁ । କେତେ ନଦ ନଦୀ ପୁଣି ଦୃଶ୍ୟ ଅଛି ତହିଁ ॥ ଗହନ ବିପିନ ବୃକ୍ଷ ପନ୍ତି ପନ୍ତି ହୋଇ । ତାହାଙ୍କ ଉଦର ମଧ୍ୟେ ଶୋଭାକୁ ସେ ପାଇ ॥ କେତେ ଯୁଗ ପର୍ଯ୍ୟନ୍ତ ଗର୍ଭେ ମୁଁ ବୁଲିଲି । କେଉଁ ଅନ୍ତେ ଶେଷ ଅଛି ଜାଣି ନ ପାରିଲି ॥ ବ୍ୟାସ ମହର୍ଷି ହୋଇଲେ ବ୍ରହ୍ମରୁ ଉତ୍ପନ୍ନ । ଅବର ଯେ ଉପୁଜିଲେ ଶୁକ ମହାଯତି । ସେମାନେ କେତେ ପୁରାଣ ରଚନା କରିଲେ । ସେ ମଧ୍ୟ ହରି ମହିମା ଜାଣି ନ ପାରିଲେ ॥ ଧ୍ରୁବଙ୍କୁ ପଚାର ଅବା କହିବ ତୁମ୍ଭଙ୍କୁ । ମୁହିଁ ଛାର ଯମ କିବା ତାହା ବର୍ଣ୍ଣିବାକୁ । ଏହା କହି ମାର୍କଣ୍ଡେୟ ଉଠିଲେ ସତ୍ୱର ॥ ଧ୍ରୁବଙ୍କ ଚରଣ-ତଳେ କଲେ ନମସ୍କାର ॥ ଏ ଅନ୍ୟାୟ ଦେଖିକରି ସର୍ବ ତପୋଧନ । ଖେଦ ଚିତ୍ତେ ହୃଦମଧ୍ୟେ ବିଚାରିଲେ ପୁଣ । ବୋଇଲେ ଅହେ ମାର୍କଣ୍ଡ ତୁମ୍ଭେ ମହାମୁନି । ହୋଇକରି ଏ ଅନୀତି କାର୍ଯ୍ୟ କର ପୁଣି । ଦେଖୁଛୁ ଅତ୍ୟନ୍ତ ବାଳକ ଏ ଅଟେ ଧ୍ରୁବ । ତାହାର ବୁଦ୍ଧି ବିବେକ କିସ ଅଛି

ଭାବ ॥ ଜାଣି ଶୁଣି ତା ଚରଣେ କଲ ନମସ୍କାର । ଏହା ଦେଖି ଅମ୍ଭଙ୍କୁ ଯେ ଲାଗେ ଚମତ୍କାର ॥ ଏପରି ବଚନ ଶୁଣି ମାର୍କଣ୍ଡ କହିଲେ । ଏ ଧ୍ରୁବଙ୍କୁ ପିଲା ବୋଲି ଯେଉଁ ଲୋକ ବୋଲେ ॥ ତାଠାରୁ ଅଜ୍ଞାନୀ ବଳି ଜଗତରେ ନାହିଁ । ଏକଥା ତୁମ୍ଭପକ୍ଷରେ ଅଯୁକ୍ତି ଅଟଇ ॥ ମୁହିଁ ଭଲରୂପେ ଜାଣିଣ ମୋଠାରୁ ବଡ଼ ଏ । ଦୃଢ଼େ ବ୍ରହ୍ମଜ୍ଞାନ ସାଧି ଅଛନ୍ତି ନିଶ୍ଚୟେ ॥ ମୁନିଏ ବୋଇଲେ ତାହା ଜାଣିଲ କିପରି । ଅଦ୍ୟ ପ୍ରାନ୍ତ ଯେହୁକରି କହ ତପସ୍ୱୀ । ମାର୍କଣ୍ଡ ବୋଇଲେ ତାହା ଶୁଣ ଯେ ସମସ୍ତ । ଧ୍ରୁବ ଯେତେବେଳେ ଥିଲେ ମାତା ଗର୍ଭଗତେ ॥ ସେକାଳରୁ ହରିନାମ କରନ୍ତି ସ୍ମରଣ । ଦୃଢ଼ଭାବେ ନାମଧର ପ୍ରେମେ ଥାନ୍ତି ମଗ୍ନ ॥ ଏରୂପେ ହରିନାମକୁ ସଦା ଜପୁଥାନ୍ତି । ଯେଉଁଦିନ ମାତାଗର୍ଭୁଁ ହୋଇଲେ ଉତ୍ପତ୍ତି ॥ କାମ କ୍ରୋଧ ଲୋଭ ମୋହ ହୃଦସ୍ଥ ତେଜିଲେ । ଅହର୍ନିଶ ବସି କୃଷ୍ଣ ନାମ ସେ ଜପିଲେ ॥ ଏହି ସଂସାରେ ଅଛି କହ କେଉଁ ବ୍ୟକ୍ତି । ନିଛେ ନିଛେ ଅମ୍ଭେ ପିଲା ବୋଲାଉଛୁଁ ଯତି ॥ ଅମ୍ଭେମାନେ ଯତି ଅଟୁ ବହୁତ କାଳର । କିନ୍ତୁ ଧ୍ରୁବ ସଙ୍ଗେ ସମ ନୋହୁଁ ତପୀ-ବର ॥ ଯେତେହେଁ ଅମ୍ଭେ ସର୍ବଦା କର୍ମେ ଥାଉ ରତ । ହରିନାମ ସେବୁନାହୁଁ ପୁଣି ଅବିରତ ॥ ତେଣୁ ତାଙ୍କ ସଙ୍ଗେ ଅମ୍ଭେ ତୁଲ୍ୟ କି ହୋଇବୁ । ଜାଣୁ ଜାଣୁ ଅମ୍ଭେ ତାଙ୍କୁ ବଡ଼ କରି ଭାବୁ ॥ ମୋଠାରୁ ଦୁଇ ବରଷ ବଡ଼ ଅଟେ ଧ୍ରୁବ । ନିଶ୍ଚୟ କହୁଛି ଏହା ଚିତ୍ତେ ନ ମଣିବ ॥ ଏମନ୍ତ ମାର୍କଣ୍ଡ ବାଣୀ ଶୁଣି ଋଷିଗଣ । ନିରୁତ୍ତର ହୋଇଲେ ସେ ଭାଳି ପଞ୍ଚମନ ॥ ହରି ମୁଖୁ ଶୁଣି ଏହା ପାର୍ଥ ତୋଷ ହେଲେ । ନାମରତ୍ନଗୀତା ଦୀନକୃଷ୍ଣ ଦାସ ବୋଲେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଧ୍ରୁବନାମଭକ୍ତନେ
ମାର୍କଣ୍ଡ ତୁଲ୍ୟ ନୋହିବା ବିଷୟ କଥନେ ନାମ
ତ୍ରିସପ୍ତତମୋଽଧ୍ୟାୟଃ ।

——o——

## ଚତୁଃସପ୍ତତିତମ ଅଧ୍ୟାୟ ।

ପୁନରପି ପୃଚ୍ଛା କରେ ବୀର ଧନଞ୍ଜୟ । ନାମରତ୍ନ ଗୀତା ମୋତେ କହ ଦୟାମୟ ॥ ଶ୍ରୀହରି ବୋଲନ୍ତି ଶୁଣ ଅହେ ବୀର ପାର୍ଥ । ପଦ ପଦକେ ଏଥିରୁ ଗଳଇ ଅମୃତ ॥ ତାହା ଏବେ ତୁମ୍ଭ ଆଗେ କହୁଅଛି ବୁଝାଇ । ଯେଉଁ ଗ୍ରନ୍ଥେ ହରିନାମ ନ ଥିବଟି ରହି ॥ ସେ ଗ୍ରନ୍ଥ ସଂସାର ମଧ୍ୟେ ଅସାରଟି ଜାଣ । ଯେଉଁ ଗୃହୀ ହରିନାମ ନ କରେ କୀର୍ତ୍ତନ ॥ ସେ ଗୃହ ଅସାର ଅଟେ ଏ କଥା ପ୍ରମାଣ । ପୁଣି ଗୃହୀର ଯେ କର୍ମ-ପଚ୍ଛରେ ଅର୍ଜୁନ ॥ ଶ୍ରୀହରି ବୋଲନ୍ତି ଯେହୁ ପ୍ରଭାତରୁ ଉଠି । ଗଙ୍ଗେ ସ୍ନାନ କରିବ ଯେ ହରିନାମ ରଟି ॥ ନିତ୍ୟକର୍ମ୍ମ ଆଦି କ୍ରିୟା ତତ୍ପରେ କରିବ । ବିଶୁଦ୍ଧ ଭାବରେ ସନ୍ଧ୍ୟା ଧ୍ୟାନ ଆଚରିବ ॥ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଣ ଗୃହକୁ ଆସିବ । ଭକତରେ ଶ୍ରୀହରିଙ୍କୁ ପୂଜା ଯେ କରିବ ॥ ବିଷ୍ଣୁ ଶିରେ ତୁଳସୀ ମଞ୍ଜରୀକୁ ସେ ଦେଇ । ସ୍ତବ ସ୍ତୋତ୍ର ପଢିବ ସେ ଆନନ୍ଦିତ ହୋଇ ॥ ଜୟ ଜୟ ନାରାୟଣ ଭକତଜୀବନ । ଅଜିତ ବୈକୁଣ୍ଠରୂପୀ ଅହେ ନାରାୟଣ ॥ ତୁମ୍ଭେ ଗୁହ୍ୟ ଗୂଢ଼ରୂପୀ ଗୁଣ-ଗୁଣବର୍ତ୍ତୀ । ସନାତନ ପୁରାଣ ସ୍ୱରୂପୀ ବିଶ୍ୱପତି । ତୁମ୍ଭେ ଅଟ ଶାର୍ଙ୍ଗ ଅସ୍ତ୍ର ଚକ୍ର ଗଦାଧର । ଦେବ ଦେବ ଜଗନ୍ନାଥ ଅବ୍ୟକ୍ତ ଈଶ୍ୱର ॥ ବାସୁଦେବ ବହୁରୂପ ଅହେ ବୃଷାକପି । ସ୍ୱର୍ଗ ମର୍ତ୍ତ୍ୟ ରସାତଳ ଅଛ ତୁମ୍ଭେ ବ୍ୟାପି ॥ ଶ୍ରୀନିବାସ ବିଷ୍ୱକ୍‌ସେନ ଅହେ ଜନାର୍ଦ୍ଦନ । ତୁମ୍ଭ ପଦେ ଶତବାର କରୁଅଛି ପ୍ରଣାମ ॥ ଏହିରୂପେ କହି ହରି ପାଦରେ ପଡିବ । ତଦନ୍ତେ ଭୋଜନ ଆଦି କର୍ମ ବଢ଼ାଇବ ॥ ଏପରି ଯେ କରେ ତାର ଗତି ମୁକ୍ତି ହୁଏ । ସତ୍ୟ ସତ୍ୟ ଏହି କଥା ଜାଣ ଧନଞ୍ଜୟେ ॥ ଅର୍ଜୁନ ଶୁଣିଣ ବଡ଼ ଆନନ୍ଦିତ ହେଲା । ଶ୍ରୀହରିଙ୍କ ପାଦପଦ୍ମେ ନମସ୍କାର କଲା ॥ ସେ ହରି ପବିତ୍ର ଚରିତ୍ର ନାମରତ୍ନ ଗୀତା । ଏକାନ୍ତରେ ବସି ମୁହିଁ କରଇ କବିତା ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୃହୀର କର୍ତ୍ତବ୍ୟକର୍ମ ବର୍ଣ୍ଣନେ ନାମ ଚତୁଃସପ୍ତତିତମୋଽଧ୍ୟାୟଃ ।

## ପଞ୍ଚସପ୍ତତିତମ ଅଧ୍ୟାୟ ।

ଅହେ କରୁଣାସାଗର ଧାନ ଦଇତାରି । ମୋହଠାରେ ଏହି କଥା କହ ଦୟା କରି ॥ ନୀଚ ବ୍ୟକ୍ତିଠାରୁ ବିଦ୍ୟା କେ ଶିଖା କରନ୍ତି । ଗୁରୁ ସମାନରେ ମାନି ଚରଣେ ନମନ୍ତି ॥ ଏହି କଥା ଗୋଟି ମୋତେ କହିଦିଅ ହରି । ଶୁଣିଲେ ତବ ମୁଖରୁ ଯିବ ମୁହିଁ ତରି ॥ ଶ୍ରୀହରି ବୋଇଲେ ତାହା ଶୁଣ ଏକମନ । ବ୍ୟାସ ଶିଅଳର କଥା କହିବା ବଚନ ॥ ସତ୍ୟଯୁଗେ ଏହି ବ୍ୟାସ ଜାତ ହୋଇଥିଲେ । ମୋ ନାମକୁ ଅନ୍ୱେଷ କରି ବନେ ଭ୍ରମୁଥିଲେ ॥ ଏକ ଦିନେ ଭ୍ରମି ଭ୍ରମି ବ୍ୟାସ ତପୋବନ୍ତ । ନୈମିଷାରଣ୍ୟରେ ଯାଇଁ ହେଲେ ଉପସ୍ଥିତ । ଦେଖିଲେ ସେଠାରେ ପୁଣି ଯୋଜନେ ପର୍ଯ୍ୟନ୍ତ । ଖଜୁରୀ କାନନ ବନା ଅଛି ଯେ ନାହିଁତ ॥ ସେ ବନ ମଧ୍ୟରେ ଏକ ଶିଅଳ ସେ ଥାଇ । ନଇଁଯାଅ କହନ୍ତେ ସେ ବୃକ୍ଷ ପଡ଼େ ନଇଁ ॥ ସେଥିରୁ ଦୋରୁଅ ଭାଣ୍ଡ ନେଇ ସେ ଯତନେ । ଯା ଯା ବୋଲନ୍ତେ ବୃକ୍ଷ ସେ ଉଠଇ ତକ୍ଷଣେ ॥ ଦେଖିକରି ତପୋବନ୍ତ ହେଲେ ଚମତ୍କାର ॥ ଭାଳିଲେ ଶିଅଳ ଏହା କରେ କି ପ୍ରକାର ॥ ଭାଳ ଭାଳ ଧୀରେ ଧୀରେ ତା ନିକଟେ ଗଲେ । ତୁମ୍ଭ ନାମ କିସ ବୋଲି ତାହାକୁ ପୁଚ୍ଛିଲେ ॥ କେଉଁ ସ୍ଥାନେ ବସତି ସେ ଅଟଇ ତୁମ୍ଭର । କହ କଥା ମନ୍ଥ ପୁଚ୍ଛିବାରୁ ସେ ଅମ୍ଭର ॥ ଶୁଣି ଶିଅଳ ବୋଲଇ କୃପାଳୁ ସୋ ନାମ । ଏହି କାନନରେ ଦେଖ ଅଟେ ମୋ ଆଶ୍ରମ ॥ ଏହି ଦୋରୁଅ କାଢ଼ିବା ବେଉସା ଯେ ମୋର । କାହିଁପାଇଁ ପଚାରିଲ ଅହେ ମୁନିବର ॥ ବ୍ୟାସ ବୋଇଲେ ତୁମ୍ଭର କାର୍ଯ୍ୟ ଦେଖିକରି । ମନମଧ୍ୟେ ଅତ୍ୟାଶ୍ଚର୍ଯ୍ୟ ମଣେ ମୁଁ ବିଚାରି ॥ କେଉଁ ମନ୍ତ୍ରବଳେ ତୁମ୍ଭେ ଏହି କଥା କର । ସେ ମନ୍ତ୍ର ଶିଖାଇ ମୋତେ ଦିଅ ତତପର ॥ ଶିଅଳ ବୋଇଲା ତୁମ୍ଭେ କେଉଁ ଶାସ୍ତ୍ର ଜାଣ । ବ୍ୟାସ ବୋଇଲେ ଯେ ତାହା ଏକମନେ ଶୁଣ ॥ ଚାରିବେଦ ଷଟଶାସ୍ତ୍ର କାବ୍ୟ ବ୍ୟାକରଣ । ଅଷ୍ଟାଦଶ ପୁରାଣ ଯେ ସ୍ମୃତି

ଶାସ୍ତ୍ର ପୁଣ ॥ ନାଟକ ଜ୍ୟୋତିଷ ଅଳଙ୍କାର ଅଧିକର । ସ୍ତମ୍ଭନ ମୋହନ
ବଶ୍ୟ ବିଦ୍ୟା ଯେ ବିସ୍ତର ॥ ଗୋଟିକା ଅଞ୍ଜନ ଆଉ ଧରଣ ଧାରଣ ।
ବେଦାନ୍ତ ଯୋଗାନ୍ତ ବିଦ୍ୟା ନାଗାନ୍ତ ଯେ ପୁଣ ॥ ଏରୂପେ କେତେ
ଶାସ୍ତ୍ର ମୁଁ କରିଛି ଅଭ୍ୟାସ । ଶୁଣି ଜନ୍ତୁ ଶିଅଳ ଯେ ହେଲା ଅତି ତୋଷ ॥
ଭାଳିଲା ଏ ତପୋମଣି କେତେ ଜ୍ଞାନୀ ପୁଣି । ଏତେ ଶାସ୍ତ୍ର ଜାଣି
ମୋତେ ପୁଚ୍ଛନ୍ତି ଏ ବାଣୀ । ମୁଁ ଜପ କନ୍ଧପରଇଁ ମନ୍ତ୍ର ଯାଙ୍କୁ ପୁଣି ।
ଶିଖାଦେଲେ ଅବଶ୍ୟେ ଗୁରୁ ବୋଲି ଭଣି ॥ ଏହା ଭାବି ହୃଦମଧ୍ୟେ
ବଡ ଉତ୍ସୁକଲା । ଦିଥ୍ୟାରେ ଭଣ୍ଡାଇ ତାଙ୍କୁ ଏମନ୍ତ ବୋଇଲା ॥ ଅତି
ଆଶ୍ରମକୁ ଫେରି ଯାଆନ୍ତୁ ହେ ବ୍ୟାସ । ଉତ୍ତମ ଦିନେକ ବୁଝି ଆସିବେ
ମୋ ପାଶ ॥ ମୁଁ ଯେବେ ଆଶ୍ରମେ ଜାଣି ନ ଥିବି ହେ ମୁନି । ଦକ୍ଷ
ପୁତ୍ରକୁ ମୋହର ଜାଣ ତପସ୍ବୀ ॥ କହିଦେଲେ ଖୋଜି ସେହୁ
ଭୁଲିବେ ଡାକିବ । ଆପଣଙ୍କ ସମୀପେ ମୁଁ ମିଳିବାକୁ ଜବ ॥ ଏହା ଶୁଣି
ତପୋଧନ ସେଠାରୁ ଫେରିଲେ । ଆନନ୍ଦ ମନରେ ତହୁଁ ଆଶ୍ରମେ
ରହିଲେ ॥ କେତେ ଦିନ ଅନ୍ତରେ ପୁଣି ବୁଝି ବାର ଦିନ । ଶିଅଳ ସମୀପେ
ଗଲେ ତହୁଁ ତପୋଧନ ॥ ଦ୍ଵାରରେ ଉଭା ହୋଇଣ ଡାକନ୍ତି
ତାହାକୁ । ତା ଶୁଣି ଶିଅଳ ପଳାଇଲା ବନସ୍ତକୁ ॥ ସେ ଶିଅଳ ପୁତ୍ର
ତହୁଁ ଘରୁତର ଆସିଲା । କି ହେତୁ ଡାକୁଛ ବୋଲି ଋଷିଙ୍କୁ ପୁଚ୍ଛିଲା ॥
ତାହା ଶୁଣି ବୋଇଲେକ ବ୍ୟାସ ତପୋଧନ । କେଉଁ ଅଟେ
ଯାଇଛନ୍ତି ପିତା ତୁମ୍ଭ ପୁଣ ॥ ଦକ୍ଷ ବୋଇଲା ବନକୁ ଯାଇଛନ୍ତି
ତାତ । ସନ୍ଧ୍ୟାରେ ଫେରି ଆସିବେ ଆହେ ତପୋବନ୍ତ ॥ ଶୁଣି ତାହା
ବ୍ୟାସ ତାଙ୍କୁ କିଛି ନ ବୋଇଲେ । ଯାଉଛି ଆସିବି ପୁଣି ବୋଲି
ଚଳିଗଲେ ॥ ପୁନରପି ବାର ଲଗ୍ନ ବୁଝି ଶୁଭଦିନେ । ଯାଇଁ ଡାକନ୍ତି
ଶିଅଳ ଲୁଚିଲା କାନନେ ॥ ସେହିପରି ପାଶେ ଆସି ମିଳିଲା ନନ୍ଦନ ।
ଦେଖିଲା ଦ୍ଵାରେ ଅଛନ୍ତି ବ୍ୟାସ ତପୋଧନ ॥ ବ୍ୟାସ ବୋଲେ କେଉଁ-
ଠାରେ ଅଛନ୍ତି ତୋ ପିତର । ଅତିଶୀଘ୍ର ଡାକିଆଣ ଯାଇଁ ରେ କୁମର ।

ବଚ୍ଛ କଥା ମାଗିବାଇଁ ଦେବ ଯେ ଅମ୍ଭଙ୍କୁ । ଦକ୍ଷ ବୋଇଲେ ଏ କଥା
ଦେବେ ସେ ତୁମ୍ଭଙ୍କୁ ॥ କାହିଁପାଇଁ ବାରଂବାର ଅଛି ଫେରୁଅଛ ।
ସ୍ୱରୂପ ନ କହ କପଟ ମନରେ ପାଉଛ । ବ୍ୟାସ ବୋଇଲେ କହୁଛି
ଏବେ ତାହା ଶୁଣ । ଏକଦନେ ଦେଖିଲଇଁ ପିତା ହେ ଏସନ ।
ଖଜୂର ବୃକ୍ଷର ମୂଳେ ଛିଡ଼ାହୋଇ କର । କମଣ୍ଡ ପାଠକରନ୍ତ ମନେ
ମନେ ମୁନ ॥ ତତକ୍ଷଣେ ସେହି ବୃକ୍ଷ ନଇଁ ଯେ ପଡ଼ିଲା । ସେ କଥା
ଦେଖିଣ ମୋତେ ଆଶ୍ଚର୍ଯ୍ୟ ଲାଗଲା ॥ ସେ ମନ୍ତ୍ର ଶିଖିବ ପାଇଁ କହନ୍ତି
ମୁଁ ତାଙ୍କୁ । ବୋଇଲେ ସେ ଅନ୍ୟ ଦନେ ପୁଚ୍ଛିବ ଅମ୍ଭଙ୍କୁ ॥ ବ୍ୟାସଙ୍କ
ବଚନ ଶୁଣି ଦକ୍ଷ ତହୁଁ ହସି । ବୋଲେ ଏ ଅଳ୍ପ କଥାକୁ ଏତେ ବାର
ଅସି ॥ ଆଗରୁ ମୋତେ ଯଦ୍ୟପି ଏହା କହୁଥାନ୍ତ । ବାରଂବାର କାହିଁ-
ପାଇଁ ବୃଥା ଦଉଡ଼ନ୍ତ ॥ ବ୍ୟାସ ବୋଇଲେ ସେ କଥା ଯେବେ କହି-
ଦେବ । କପାଇଁ ଆମ୍ଭର ଅବା ଦଉଡ଼ ହୋଇବ ॥ ତୁମ୍ଭମୁଖୁ ଶୁଣି
ମୁହିଁ ନଶ୍ଚିନ୍ତ ହୋଇବ । ଗୁରୁ ପରାୟେ କରଣ ସଦା ମାନଥିବ ॥
ଶୁଣି ତହୁଁ ଦକ୍ଷ ବୋଲେ ଅସ ଆମ୍ଭ ସଙ୍ଗି । ଏକାନ୍ତ ସ୍ଥାନେ ତୁମ୍ଭଙ୍କୁ କହି-
ଦେବା ବସି ॥ ଏହା ଶୁଣି ମୁନବର ଅନନ୍ଦତ ହେଲେ । ଦକ୍ଷର
ସଙ୍ଗତେ ଗୁପ୍ତ ସ୍ଥାନକୁ ଚଳଲେ ॥ ଏକାନ୍ତରେ ବସି ତାଙ୍କଠାରୁ ଯେ
ଶିଖିଲେ । ବେଦତତ୍ତ୍ୱ ମନ୍ତ୍ରନାମ ବୋଲିଣ ଜାଣିଲେ ॥ ତାହାକୁ ଯେ
ବେଦତତ୍ତ୍ୱ ମନ୍ତ୍ର ନ ଅସଇ । ଯାହାକୁ ଅଟେ ସାକ୍ଷାତେ ବ୍ରହ୍ମରୂପୀ
ସେହି ॥ ନୀତବ୍ୟକ୍ତି ହୃଦୟରେ ଯେତେବ ଥିବ ଶୁଣ । ଜମ୍ବୁନଦ ପର
ତାହା କରବ ଗ୍ରହଣ ॥ ମନ୍ତ୍ର ଶିଖି ବ୍ୟାସଋଷି ସନ୍ତୋଷିତ ହେଲେ ।
ବଦାୟ ନେଇ ସେଠାରୁ ଗୃହକୁ ଫେରଲେ ॥ ମନ୍ତ୍ରକଥା ବଢ଼ବାକୁ
ଭାଳ ହୃଦୟରେ । ନାରିକେଳ ତରୁ ଏକ ଦେଖି ଅଗ୍ରତରେ ॥ ମନ୍ତ୍ରପଢ଼ି
ନଇଁ ପଡ଼ କହନ୍ତେ ତାହାକୁ । ତତକ୍ଷଣେ ଭାର ଶିର ଲାଗିଲା
ତଳକୁ ॥ ଦେଖିକର ବ୍ୟାସମୁନ ହେଲେ ଚମତ୍କାର । ନାରିକେଳ
ଏକ ତୋଳ ଧଇଲେ ସତ୍ୱର ॥ ଯାଅ ଯାଅ ବୋଲନ୍ତେ ସେ ତହୁଁ

ଉଠିଗଲା । ଯେପରି ଥିଲା ସେପରି ହୋଇଣ ରହିଲା ॥ ତାହା ଦେଖି ବ୍ୟାସ ବଡ଼ ଆନନ୍ଦିତ ହେଲେ । ମନ୍ତ୍ରସିଦ୍ଧ ହେଲା ବୋଲି ମନରେ ଭାବିଲେ ॥ ସେଠାରୁ ଦକ୍ଷଙ୍କୁ ଗୁରୁତୁଲ୍ୟ ଜ୍ଞାନ କରି । ଆପଣାର ଆଶ୍ରମକୁ ଗଲେ ତପସ୍ୱୀ ॥ ଯହିଁ ଅଠାଶୀ ସହସ୍ର ଛନ୍ତି ତପୋଧନ । ତାଙ୍କ ମଧ୍ୟେ ବସି ହେଲେ କଥୋପକଥନ ॥ ଏଣେ ଶିଥିଲ ବନକୁ ଯାଇଥିଲା ପୁଣି । ଗୃହକୁ ଫେରିଲା ହେଲେ ଅର୍ପଣ ରଜନୀ ॥ କବାଟରେ ହୋଇଛି ଦ୍ୱାର ବନ୍ଦ ଅଛି ଆଗେ । ଦ୍ୱାରରେ ପ୍ରବେଶ ପୁତ୍ରନାମ ଧରି ଡାକେ ॥ ତଥ ପିତାର ଡାକକୁ ଶୁଣିଣ ଧାଇଁଲା । ଜନକ କବାଟୁ ଭିତରୁ କାଢି ଥୋଇଦେଲା । ବ୍ୟାସଙ୍କ କଥାକୁ ଅଗ ଜଣାଏ ପିତାକୁ । କି ମନ୍ତ୍ର ଦେବାକୁ ତୁମ୍ଭେ କହିଥିଲ ତାଙ୍କୁ ॥ ସେ ଆସି ଆମ୍ଭ ଗୃହରେ ତୁମ୍ଭଙ୍କୁ ଖୋଜନ୍ତି । ନାହିଁ ବୋଲି କହିଦେଲେ ଲେଉଟି ଯାଆନ୍ତି ॥ ଶିଥିଲ ସେ କଥା ଶୁଣି ହସିଣ ବୋଲଇ । କୃଷ୍ଣନାମ ମନ୍ତ୍ର ଶିକ୍ଷା କରିବାର ପାଇଁ ॥ ଆସିଥିଲେ ମୁନିବର ଜାଣଇ ଏ କଥା । ଲୁଚି ବନେ ରହିଥିଲି ଜାଣି ଅରେ ପୁତା ॥ କିରୂପେ ବ୍ୟାସଙ୍କୁ ମୁହିଁ ତାହା କହିଥାନ୍ତି । କହିଦେଲେ ନିଜଜ୍ଞାନ ହରଇ ବସନ୍ତି ॥ ପୁଣି ସେ ଋଷି ଜାଣନ୍ତି ଚିନ୍ତା ସର୍ବବେଦ । କିରୂପେ କହନ୍ତୁ ତାଙ୍କୁ ଆମ୍ଭେ ମନ୍ତ୍ରପଦ ॥ ଆମ୍ଭେ ଜାଣିରେ ଶିଖିଲ ସେହୁ ପୁଣି ଯତି । ମନ୍ତ୍ର ଦେଲେ ଅବଶ୍ୟ ମୁଁ ଗୁରୁ ସେ ହୁଅନ୍ତି ॥ ଏଣୁ ଲୁଚି ଥାଏ ତାଙ୍କୁ ଦେଖା ଯେ ନ ଦିଏ । ମୋତେ ନ ଦେଖିଣ ଫେରି ଯାଆନ୍ତୁ ନିଷ୍ଟେ ॥ ଏହା ଶୁଣି ଦକ୍ଷପୁତ୍ର ଆଶ୍ଚର୍ଯ୍ୟ ହୋଇଲା । କି କଲ ବୋଲି ପିତାକୁ ବହୁତେ ବୋଇଲା ॥ ଅଜ ନ ଜାଣି ଋଷିଙ୍କୁ ମନ୍ତ୍ର କହିଦେଲି । ତୁମ୍ଭ ଲୁଚିଛ ବୋଲି ମୁଁ କିପରି ଜାଣିଲି ॥ ଶିଥିଲ କହଇ ପୁତ୍ର କେଡ଼େ କଥା କଲୁ । ଏଡ଼େ ବଡ଼ ମନ୍ତ୍ରକୁ ତୁ ପଦାରେ ପକାଇଲୁ ॥ ବ୍ରହ୍ମା ଇନ୍ଦ୍ର ମହେଶଙ୍କୁ ଯେ କଥା ଅଜଣା । ତାହା କେଉଁପରି କହିଲୁ ତୁ ହୋଇ ବଣା ॥ ମାତ୍ର ତାହାଙ୍କର ସେହି ବୋଧହବ ସେ ସିଦ୍ଧି । ବଳେ ଯାଚିଦେଲେ କେବେ

ନ ଜାଣେ ଔଷଧ ॥ ଅକାରଣେ ତାହାଙ୍କୁ ତୁ ଦେଲୁ ସେନା କହ ।
ଯାଚିଦେଲ ମନ୍ତ୍ର ଜାଣ ମନେ ନ ରହଇ ॥ ଦଣ୍ଡ କହନ୍ତି ତାଙ୍କର ମନ୍ତ୍ର
ଦେବ ସିଦ୍ଧି । ମୂର୍ଖଲୋକର ହୃଦଇ ସେନା ବିଦ୍ୟା ବୃଦ୍ଧି ॥ ବେଦ
ବିଦ୍ୟାରେ ପାରଗ ଅଛନ୍ତି ଯେ ଯେତେ । ଅବଶ୍ୟ ତାଙ୍କର ମନ୍ତ୍ର ସିଦ୍ଧ
ହେବ ତେଣୁ ॥ ବ୍ୟାସ ସମାନ ମୁନଙ୍କୁ ମନ୍ତ୍ର ଦେବ ନାହିଁ । ଏ ବୃଥା
ଭାବନା ଚିତା କରଲ କପାଇଁ ॥ ଶିଅଳ ବୋଇଲେ ସୁତ କହିଲୁ ଯା
ସତ୍ୟ । ଗୁରୁଙ୍କୁ ଯେ ନ ମାନଇ ଅସିଦ୍ଧ ତା ମନ୍ତ୍ର ॥ ଗୁରୁତୁଲ୍ୟ
ତୋତେ ଯେବେ ମଣିବେ ରେ ସୁତ । ଅବଶ୍ୟ ମନ୍ତ୍ର ତୋହର ସଫଳ
ହେବତ ॥ ଅମ୍ଭେତ ଜନ୍ମିଛୁ ପୁଣି ଶିଅଳ କୁଳରେ । ତାଙ୍କର ଭକ୍ତି
ନୋହିବ କଦା ଅମ୍ଭଠାରେ ॥ ଭକ୍ତି ନ କରିଲେ ମନ୍ତ୍ର ବିଫଳରେ
ଯିବ । ଏ କଥା ସେଡ଼ କହିଲୁ ଜାଣିଥାଅ ଧ୍ରୁବ ॥ ଦଣ୍ଡ ବୋଇଲେ
ଚିଅର ଯିବା ତେବେ ଚାଲ । ବ୍ୟାସଙ୍କ ଭକତ ଭାବ ବୁଝିବା ସକଳ ॥
କୃପାଳୁ ବୋଇଲେ ସୁତ ମୁଁ କପାଁ ଯିବଇଁ । ତୋ ଶିଷ୍ୟର ଗୁଣ ବୁଝି-
ଅଛ ତୁହି ଯାଇଁ ॥ କାଲି ପ୍ରଭାତରୁ ଉଠି ନିତ୍ୟକର୍ମ ସାରି । ବ୍ୟାସଙ୍କ
ପାଶକୁ ଯିବୁ ଅତି ବେଗକରି ॥ ଏହିରୂପେ ପିତାପୁତ୍ର କଥାବାର୍ତ୍ତା
ହୋଇ । ଭୋଜନ କରି ନିଶ୍ଚିନ୍ତେ ପହୁଡ଼ିଲେ ଯାଇ ॥ ଏଥୁଅନ୍ତେ
ରାତ୍ରିଶେଷ ଅଦିଣ ହୋଇଲା । ପୂର୍ବଦିଗେ ଦିନକର ଜ୍ୟୋତି
ଦେଖାଗଲା ॥ ବେଗେ ଉଠି ଦଣ୍ଡ ନିତ୍ୟକର୍ମ ଶେଷକରି । ପିତାଙ୍କୁ
ବିଦାୟ ମାଗି ଗଲ ସେ ବାହାରି ॥ ପ୍ରବେଶ ହୋଇଲେ ବ୍ୟାସମୁନିଙ୍କ
ପାଶରେ । ଦେଖିଲେ ବସିଅଛନ୍ତି ଋଷିଙ୍କ ମେଳରେ ॥ ଖଣ୍ଡେଦୂରରେ
ରହି ଦଣ୍ଡ ନ ଗଲେ ଭରସି । ଏ ସମୟେ ଦୃଷ୍ଟି ଦ୍ୟନ୍ତେ ସେ ବ୍ୟାସ ମହର୍ଷି ॥
ଚିହ୍ନି ପାରିଲେ ଏ ଦଣ୍ଡ ଅଟେ ଅମ୍ଭ ଗୁରୁ । କପାଇଁ ଅସିଲେ ପୁଣି
ଏତେ କଷ୍ଟେ ଦୂରୁଁ ॥ ଅମ୍ଭେ ଯେବେ ନ କରିବା ଯାଇଁ ସମାଦର ।
ଗୁରୁଙ୍କୁ ସଂସାରେ ଆଉ ନ ମାନିବେ ନର । ମନ୍ତ୍ରଦେଇ ଗୁରୁଙ୍କୁ
ଯେବେ ପରେ ନ ପୂଜିବା । ଲୋକରେ ଅଖ୍ୟାତି ପୁଣି ପାତକ ଲଭିବା ॥ ମନ୍ତ୍ର

ସଫଳ ନୋହିବ ନାଶଯିବ ପୁଣ୍ୟ । ସଭାରୁ ଉଠିଲେ ବ୍ୟାସ ଏମନ୍ତ ଭାବିଣ ॥ ଋଷିଙ୍କୁ ବୋଇଲେ ତୁମ୍ଭେ ବସିଥାଅ ସର୍ବେ । ସାଧୁଙ୍କୁ ଦର୍ଶନ ଅମ୍ଭେ କରିଆସୁ ଜବେ ॥ ଏହିରୂପ କହି ବ୍ୟାସ ନେଇଣ ଆସନ । କମଣ୍ଡଳେ ନୀରଭରି ଚଳିଲେ ବହନ ॥ କୃପାଳୁ ପୁରର ପାଶେ ପ୍ରବେଶ ହୋଇଲେ । କୃଷ୍ଣାଜିନ ସ୍ଥଳଗୋଟି ବିଛାଇଣ ଦେଲେ ॥ ଆସନରେ ବସାଇଣ କଲେ ଦଣ୍ଡବତ । ବେନି ପାଦଧୋଇ ନୀର ସିଞ୍ଚି ଶିରଗତ ॥ ବ୍ୟାସ ମୁନିଙ୍କର ମାନ୍ୟ ଦେଖିଣ ଶିଥିଳ । ମନେ ମହାଭୟ କରି ଉଠିଲେ ତତ୍କାଳ ବୋଇଲା କପାଇଁ ମୋତେ କଲ ନମସ୍କାର । ପଦେ ମନ୍ତ୍ର କହିଥିଲ କର୍ଣ୍ଣରେ ତୁମ୍ଭର । ସେହେତୁ ଏତେ ଭକତି କର ମୋର ପ୍ରତି । ତୁମ୍ଭଠାରୁ ମାନ୍ୟ ବଡ଼ ମୁଁ କି ଅଟେ ଯତି । ବ୍ୟାସ ବୋଇଲେ ଆପଣ ଗୁରୁ ସାକ୍ଷାତରେ । ଗୁରୁଙ୍କୁ ପୂଜିଲେ ପୁଣ୍ୟ ହୁଅଇ ସଂସାରେ ॥ ମନ୍ତ୍ର ଯେଦନଣ ଗୁରୁଙ୍କୁ ଯେବେ ନ ମାନିବ । ସୁକୃତହାନି ହୋଇଣ ନରକକୁ ଯିବ । ଶିଅଳ ବୋଲି ତୁମ୍ଭଙ୍କୁ ଅମ୍ଭେ କି କହିବା । ସାକ୍ଷାତରେ ଗୁରୁ ଯେଣୁ ତେଣୁ ପୂଜିବା ॥ ଗୁରୁଙ୍କୁ ଯେବଣ ଶିଷ୍ୟ ଅମାନ୍ୟ କରଇ । ସାତଜନ୍ମ ଯାଏ ସେହି ନର୍କ ଭୋଗୁଥାଇ ॥ ପାଠ ପଢି ଗୁରୁଙ୍କୁ ଯେ ନ ଦିଏ ଦକ୍ଷିଣା । ସଂସାରେ ମୂର୍ଖ ମଧ୍ୟରେ ହୁଅଇ ସେ ଗଣା ॥ ଗୁରୁଙ୍କୁ ପ୍ରତ୍ୟହ ଯେହୁ କରେ ନମସ୍କାର । ତାହାଠାରୁ ପୁଣ୍ୟ ପ୍ରାଣୀ କେ ଅଛି ସଂସାର ॥ ଗୁରୁଙ୍କୁ ବିଷ୍ଣୁ ସମାନ ଯେମାନେ ମଣନ୍ତି । ତାଙ୍କ କନ୍ତୁ ଲକ୍ଷ୍ମୀ କେବେ ଛାଡି ନ ଯାଆନ୍ତି ॥ ଦେହାନ୍ତେ ବୈକୁଣ୍ଠ ଗତି ପୁଣି ସେ ଲଭଇ । ଏରୂପେ ଗୁରୁଙ୍କ ଅଗ୍ରେ ବ୍ୟାସମୁନି କହି ॥ କୋଟିଏ ସୁବର୍ଣ୍ଣ ଆଣି ଦକ୍ଷିଣା ଯେ ଦେଲେ । ଗୁରୁଙ୍କୁ ମେଲାଣି କରି ପୁରକୁ ଆଇଲେ ॥ ସେ ଶିଥିଳ ପୁତ୍ର ଗଲା ନିଜ ଭୁବନକୁ । ପୁତ୍ରକୁ ଦେଖି କୃପାଳୁ ବୋଇଲେ ଯେ ତାକୁ ॥ କହ ବାବୁ ବ୍ୟାସ ଦେଖି କଲେ କି ଭକତି । ଦକ୍ଷ ବୋଇଲା ହେ ପିତା ଶୁଣ ଦେଇ ମତି ॥ ପ୍ରଥମେ ଚରଣ ଧୋଇ ମୁଣ୍ଡେ ସିଞ୍ଚି ହେଲେ ।

ଆସନରେ ବସାଇଣ କୃତକୃତ୍ୟ ହେଲେ ॥ ତତପରେ ଏ ଦକ୍ଷିଣା-ମାନ ଦେଲେ ମୋତେ । ଦେଖି କରି କୃପାଳୁ ଯେ ଆନନ୍ଦିତ ଚିତ୍ତେ ॥ ଘେନିଲା ବ୍ୟାସଙ୍କ ମନ୍ତ୍ର ହୋଇଲା ପରାପତ । ଏହିରୂପେ କଥାବାର୍ତ୍ତା ହୁଅନ୍ତି ପିତା ପୁତ୍ର ॥ ଏ ସମୟେ ଦିବ୍ୟରଥ ମିଳିଲା ଆଗରେ । ବିଷ୍ଣୁ ଦୂତେ ସେ ଦୁହିଙ୍କୁ ବସାଇ ରଥରେ ॥ ବୈକୁଣ୍ଠଭୁବନେ ବିଷ୍ଣୁ ସମୀପେ ଥୋଇଲେ । ପ୍ରଭୁଙ୍କ ପାଦ ସେବି ସେ ସର୍ବଦା ରହିଲେ ॥ ହରେକୃଷ୍ଣ ଦାସ ସଦା ସେ ପ୍ରଭୁଙ୍କ ଭୃତ୍ୟ । ତ୍ରାହି କରିବେ ବିପଦୁଁ ମୋତେ ଜଗନ୍ନାଥ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦାସ ଶିଅଳି
କର୍ତ୍ତୃକ ବ୍ୟାସଙ୍କ ମନ୍ତ୍ର ଦୀକ୍ଷା ବିଷୟ ବର୍ଣ୍ଣନେ ନାମ
ପଞ୍ଚସପ୍ତତିତମୋଽଧ୍ୟାୟଃ ।

ଭୋଲାନାଥ ପାଠଦେବ ପୁସ୍ତକାଳୟ ଓଡ଼ିଶା, ଭୁବନେଶ୍ୱର

## ଷଟ୍ସପ୍ତତିତମ ଅଧ୍ୟାୟ ।

ଶ୍ରୀକୃଷ୍ଣ ପାଦପଦ୍ମରେ କରି ଦଣ୍ଡବତ । କରଯୋଡ଼ି ପଚାରଇ ବୀରବର ପାର୍ଥ ॥ ବୋଇଲା ଏଥିରେ ମୋର ଜନ୍ମଇ ସନ୍ଦେହ । ସେ ଶିଅଳି କିଏ ଥିଲା କହ ଦୟାମୟ ॥ ଶିଅଳି ପାଦରେ ଋଷି କଲେ ନମସ୍କାର । ତାହାର ଦେହ କପରି ରହିଲା ଶ୍ରୀଧର ॥ ଏ କଥା ମନେ ମୋହର ସନ୍ଦେହ ଜନ୍ମୁଛି । ଅନୁଗ୍ରହ କରି ତାହା କହ ଶିଖିବସ୍ତ୍ରେ ॥ ଶ୍ରୀକୃଷ୍ଣ ବୋଇଲେ ତହିଁ କିଛି ଦୋଷନାହିଁ । ଶିଷ୍ୟଠାରୁ ଗୁରୁ ଯେଣ ପ୍ରଧାନ ଅଟଇ ॥ ଗୁରୁ ତୁଲ୍ୟ ମାନ ଯେବେ କରିବ ପ୍ରତ୍ୟୟ । ନୀଚଜାତି ହୋଇ ପଛେ ଅଟେ ପୂଜନୀୟ ॥ ମାନିଲେ ପଥର ପୁଣି ଦେଉଅଛି ବର । ଏଥିକୁ ସନ୍ଦେହ କପାଁ ଜନ୍ମିଲା ତୋହର ॥ ବିଶ୍ୱାସ କର ମନରେ ନ ଧର ଭୁ ଆନ । କୃପାଳୁ ଶିଅଳିର ଯେ ଇତିହାସ ଶୁଣ ॥ ସେହି ବ୍ୟକ୍ତି ସାମାନ୍ୟ ଯେ ନୁହଇ ଜାଣିବ । ନୀଚ କୁଳରେ ଜନ୍ମିଲେ କି ଅବା ହୋଇବ ॥ ବୈକୁଣ୍ଠ ପୁରରେ ଯେଉଁ ବିଷ୍ଣୁ ଛନ୍ତି ରହି । ସେ ପ୍ରଭୁ

ପାଦଙ୍କର ପାଞ୍ଚବ୍ରହ୍ମା ଖଟୁଥାଇ ॥ ସେ ପଞ୍ଚ ବ୍ରହ୍ମାଙ୍କ ନାମ ଶୁଣ ଦେଇ ମନ । ଏକ ବ୍ରହ୍ମାଙ୍କର ନାମ ଦକ୍ଷ ଯେ ଜାଣିମ ॥ ଚତୁର୍ମୁଖ ବହି ପୁଣି ଶତମୁଖ ଧାତା । ସହସ୍ରମୁଖ କୋଟି ମୁଖ ଏ ପଞ୍ଚବିଧାତା ॥ ସଦା ରହିଥା'ନ୍ତି ଏହୁ ବିଷ୍ଣୁଙ୍କ ପାଶରେ । ଷୋଡ଼ଶୋପଚାରେ ପୂଜା ବିଧି ବିଧାନରେ ॥ ଆସନ ସ୍ୱାଗତ ଅର୍ଘ୍ୟ ପାଦ୍ୟ ଆଚମନ । ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟ ଯେ ପୁଣ ॥ ସଦା ସମ୍ମୁଖରେ ବିଷ୍ଣୁଙ୍କ ସୁଦେ ରହିଥାନ୍ତି । ଏକଦିନେ ଦକ୍ଷବ୍ରହ୍ମା ହୋଇ ଭୋଳମତି ॥ ଗଞ୍ଜାଇ ଦଲ ତାହାଙ୍କୁ କୌତୁକରେ ଖାଇ । ପୂଜିଲେ ଯାଇଁଣ ସେହୁ କମଳାର ସାଇଁ ॥ ମନ୍ତ୍ର ପଢ଼ିବା କାଳରେ ଛାଡ଼ିଲେ ଅକ୍ଷର । ମହାପ୍ରଭୁଲେ କରନ୍ତି ଯେ ଉସିପଡ଼େ ନୀର ॥ ଅକ୍ଷର ଛାଡ଼ିବା କଥା ଜାଣି ନିଶ୍ଚୟତ । ବୋଇଲେ ପୂଜା ନ କର ମୋତେ ପଶୁପତି ॥ ଗଞ୍ଜାଇକଲି ଖାଇଣ ଭୋଳ ତୁ ହୋଇଲୁ । ଷୋଡ଼ଶାକ୍ଷରରୁ ଏକ ଅକ୍ଷର ଛାଡ଼ିଲୁ ॥ ଛୁଥାଳୁ ଶିଅଳ ନାମେ ଜନମ ମର୍ତ୍ତ୍ୟରେ । ଏହି ଅପରାଧେ ଜନ୍ମ ତୁ ନୀଚଜାତିରେ ॥ ଶୁଣିକରି ଦକ୍ଷବ୍ରହ୍ମା ହୋଇଲେ ବ୍ୟାକୁଳ । ବିନୟଭାବ ବନ୍ଦନ କଲେ ପାଦତଳ ॥ ବୋଇଲେ ହେ ଶଙ୍ଖ-ଚକ୍ର-ଗଦାଧର ହରି । ଏ ଦୋଷକୁ କ୍ଷମାକର ମୋତେ ଦୟାକରି ॥ ବିଷ୍ଣୁ ବୋଇଲେ ମୋ କଥା ଅନ୍ୟଥା ନୋହିବ । ଅବଶ୍ୟ ତୁମ୍ଭ ମର୍ତ୍ତ୍ୟରେ ଜନମ ହୋଇବ ॥ ଅମ୍ଭର ଆଜ୍ଞାରେ ଏବେ ମର୍ତ୍ତ୍ୟେ ଜାତହୁଅ । କଲା କର୍ମ ଭୋଗକରି ଅଥୟ ନ ହୁଅ ॥ ଦକ୍ଷ ବୋଇଲା ତାହାଙ୍କ କରି ସ୍ତୁତିକାର । କେଉଁରୂପେ ଆସିବଇଁ ଲଭିଣ ନିସ୍ତାର ॥ ସନ୍ତୋଷେ ବିଷ୍ଣୁ ତାହାଙ୍କୁ ବୃକ୍ଷମନ୍ତ୍ର ଦେଲେ । ତାହାର ଯେତେକ ଗୁଣ ବିସ୍ତାରି କହିଲେ ॥ ଅପଣା ବ୍ୟବସାୟେ ତୁ କଟାଇବୁ କାଳ । ତୋହର ବୀର୍ଯ୍ୟରେ ଜାତ ହେବ ଏକବାଳ ॥ ସେ ନନ୍ଦନେ ଏହି ମନ୍ତ୍ର ଶିକ୍ଷା ତୁହି ଦେବୁ । ଦୁଃଖେ ସୁଖେ ରହି ତହିଁ କାଳ କଟାଇବୁ ॥ ହୋଇବୁ ଅଣିବା ପାଇଁ ବନେ ଏକଦିନେ । ଭୁଲୁଥିବୁ ବ୍ୟାସ ଋଷି ଭେଟିବେ କାନନେ ॥

ତୋର ସ୍ୱକଣ୍ଠ ଦେଖି ହେବେ ଚମତ୍କାର । ଶିଖିବା ଯାଚିବ କଣ୍ଠାଳବେ ବାରବାର ॥ କପଟେ ତୁମ୍ଭ ଗୃହକୁ ଯେଉଣ ଆସିବ । ସେ ଆସିଲେ ପୁଣି ଯାଇଁ କାନନେ ଲୁଚିବୁ ॥ ତୋ ସୁତ ତାହାକୁ ମନ୍ତ୍ର ଦେବ ଯେଉଁଦିନ ॥ ଏଥେଁ ଥସିବ ତାହାର ପଚେଦନ ଜାଣ ॥ ପାପଆତ୍ମା ଦକ୍ଷବ୍ରହ୍ମା କିଁପାଳୁ ହୋଇଲା । ପୁଣ୍ୟଆତ୍ମା ପୁତ୍ର ସ୍ୱରୂପରେ ଜନମିଲା ॥ ମନ୍ତ୍ରଦେଇ ବ୍ୟାସଙ୍କୁ ସେ ହୋଇଲେ ମୁକତ । ମନେ ନ ଧରିବୁ ନୀଚ ବୋଲି ତୁମ୍ଭ ପାର୍ଥ ॥ ନୀଚମାନଙ୍କ ଜାତିହେଲେ ଗୁଣୀ ସେ ହୁଅନ୍ତି । ସାମାନ୍ୟ ତାହାଙ୍କୁ ନ ମଣିବ ଜ୍ଞାନୀ ବ୍ୟକ୍ତି ॥ ପୂର୍ବେ ସାମାନ୍ୟ ଦୋଷରେ ବଡ଼ଲୋକ ପୁଣ । ମର୍ତ୍ତ୍ୟେ ନୀଚଘରେ ହୋଇଥାଏ ସେ ଜନମ ॥ ପ୍ରକୃତରେ ନୀଚଜାତି ନୋହେ ଗୁଣୀ ବ୍ୟକ୍ତି । ପୂର୍ବଦୋଷରୁ ଜନମିଥାଏ ପୁଣି ଛିତି ॥ ଶୁଣିକରି ଅରଜୁନ ଆନନ୍ଦିତ ହେଲା । ଶ୍ରୀହରି ପଦ୍ମଚରଣତଳରେ ପ୍ରଣମିଲା ॥ ଉଠି କରଯୋଡ଼ି ବୋଇଲ ତୁମ୍ଭେ ଗୁରୁ ମୋର । ଅବର ଗୁରୁ ତୋଲ୍ଲ ଜଗତ ପ୍ରାଣୀର ॥ ତୁମ୍ଭେ ଅଗତର ଗତି ଅଟେ ଦଇତାରି । ବ୍ରହ୍ମାଦି ଦେବତା ତୋତେ ଆରାଧନା କରି ॥ ତବ ଚରଣ ତଳରେ ରହୁ ମୋର ମନ । ହରେକୃଷ୍ଣ ଦାସ ହୃଦେ ଥିଲେ ସେ ଚରଣ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ କୃପାଳୁଗିଅଲ
ପୂର୍ବଜନ୍ମବୃତ୍ତାନ୍ତ କଥନେ ନାମ
ଷଷ୍ଠସପ୍ତତିତମୋଽଧ୍ୟାୟଃ ।

## ସପ୍ତସପ୍ତତିତମ ଅଧ୍ୟାୟ ।

ପୁଣି ମସ୍ତକରେ କରଯୋଡ଼ି ଅରଜୁନ । ବୋଲେ ଭକ୍ତଙ୍କର କଥା କହ ଭଗବାନ ॥ ତବ ମୁଖ ଶୁଣି ମୁହିଁ ହୋଇବି କୃତାର୍ଥ । ପାଷାଣି ଛେଦିବଇଁ ଅଙ୍ଗ ହେବ ପୂତ ॥ କୃତାନ୍ତ ଉବକ ଅଛୁ ଯେପରି ନ ଦେଖେ । ସେହିରୂପେ ଅଛିହେଉ ଅହେ ପଙ୍କଜାକ୍ଷେ ॥ ଶ୍ରୀହରି

ବୋଲନ୍ତି ତୁମ୍ଭେ ଭକ୍ତଙ୍କ ପ୍ରଧାନ ।, ତାହା ଏବେ କହିବା ମୁଁ ମନ ଦେଇ ଶୁଣ ॥ କୃଷ୍ଣଦାସ ନାମେ ଥିଲେ ଏକ ଦ୍ୱିଜବର । ବିସ୍ତାରିଣ କହୁଅଛି ତାର ସମାଚାର ॥ ବ୍ରହ୍ମଚାରୀରୂପେ ସେହି ନାନାତୀର୍ଥ କରି ॥ ପ୍ରବେଶ ହୋଇଲେ ଯାଇଁ ଚମ୍ପାବତୀ ପୁରୀ ॥ ସେଠାର ଲୋକେ ଦେଖିଣ ହୋଇଲେ ସନ୍ତୋଷ । ସମାଦର କରନ୍ତେଣ ରହିଲେ ଯେ ଦାସ ॥ ହାଣ୍ଡି ତଣ୍ଡୁଳ କାଷ୍ଠ ସେ ଆଣିକରି ଦେଲେ । ରାନ୍ଧି ଖାଇ କୃଷ୍ଣଦାସ ସୁଖରେ ରହିଲେ । ଏହିପରି କେତେକାଳ ଅତୀତ ହୋଇଲା । କୃଷ୍ଣଦାସଙ୍କର ତହିଁ ସୁଖେ ଦିନ ଗଲା ॥ ଏକଦିନେ କେତେଜଣ ବୋଇଲେ ଏମନ୍ତ । ଦଶ ବରଷର ଛନ୍ତି ଦଶଟି ବାଳୁତ ॥ ସେମାନଙ୍କ କର୍ଣ୍ଣେ ତୁମ୍ଭେ ନାମ ମନ୍ତ୍ର ଦିଅ । ପିଣ୍ଡକୁ ତାଙ୍କର ପୁଣି ପବିତ୍ର କରିଅ ॥ ଶୁଣିକରି କୃଷ୍ଣଦାସ କହିଲେ ଏସନ । ଏତେ ବଡ଼ କଥା ମୁହିଁ କରିବି କେସନ ॥ ଶିଷ୍ୟର ଅଙ୍ଗରେ ବହୁ ପାପ ରହିଥାଇ ମନ୍ତ୍ର ଦେଲେ ସେ ପାପରେ ଭାଗୀ ଯେ ହୁଅଇ ॥ ମନ୍ତ୍ର-ନେବା ଶିଷ୍ୟ ପୁଣି ମୋକ୍ଷ ହୋଇଯାଏ । କିନ୍ତୁ ସେ ପାପରେ ଗୁରୁ ପାପ ଭାଗୀ ହୁଏ ॥ ଗୁରୁଙ୍କ ବାକ୍ୟକୁ ଶିଷ୍ୟ ହୃଦୟରେ ଧରି । ଭବ ଜଳଧିରୁ ସେହି ସୁଖେ ଯାଏ ତରି ॥ ଗୁରୁଙ୍କଠାରେ ଭକତି ଥାଏ ଯଦି ଯାର । ତାହାପ୍ରତି ପରସନ୍ନ ଥାନ୍ତି ମାୟାଧର ॥ ଯେତେବେଳେ ଶିଷ୍ୟ ଗୁରୁ ପୟରେ ପଡ଼ଇ । ତତକ୍ଷଣେ ଅଙ୍ଗୁ ତାର ପାପ ଛାଡ଼ି ଯାଇ ॥ ଗୁରୁଙ୍କ ଉପରେ ସବୁ ପଡ଼େ ସେ ପାତକ । ସତ୍ୟ ଏହି କଥା ଗୋଟି ନୁହେ ଯେ ଅଳୀକ ॥ ଯଦ୍ୟପି ସେ ଗୁରୁ ପ୍ରଭୁ ଚରଣେ ସେବଇ । ତେବେ ତାହାର ଅଙ୍ଗରୁ ପାତକ ତୁଟଇ ॥ ନୋହିଲେ ନର୍କରେ ସେହି ପଡ଼ଇ ଅବଶ୍ୟ । ମିଛେ ମିଛେ ରାମ ନାମ ପଢ଼ିଣ ସନ୍ତୋଷ ॥ ହୋଇ ହାଣ୍ଡେ ବୁଲୁଥାଏ ମାଳା କରେ ଧରି । ବୋଲେ ମୋଠାରୁ ତପସ୍ୱୀ ନାହିଁ ଭବନପୁରୀ ॥ ଦେହାନ୍ତେ ସେ ଗୁରୁ ଜାଣ ଯାଏ ନର୍କଗତି । ତେଣୁକରି ମୋର ମନେ ହୁଅଇ ଯେ ଭୀତି ॥ ନାମ ଉପଦେଶ ଦେବି କେଉଁ

ପରକାରେ । ଶୁଣି କର ବୁଝାଇଲେ ଥିଲେ ଯେ ସେଠାରେ ॥ ଆପଣ ବନ୍ଧୁ ସମାନେ ଅଟ ଦ୍ୱିଜମଣି । ତୁମ୍ଭଙ୍କୁ ପାତକ କେବେ ନ ଛୁଇଁବ ପୁଣି ॥ ଏ ପିଲାଙ୍କ କର୍ଣ୍ଣେ ନାମମନ୍ତ୍ର କହିଦିଅ । ପବିତ୍ର ହୋଇବ କାୟା ଅହେ ମହାଶୟ ॥ ତତପରେ ବ୍ରହ୍ମଚାରୀ କଲେ ସନମତ । ଶିଶୁଙ୍କ କର୍ଣ୍ଣ ମୂଳରେ ଦେଲେ ତହୁଁ ମନ୍ତ୍ର ॥ ଲଲାଟେ ତିଳକ ରେଖା ତୁଳସୀ କଣ୍ଠରେ । ହରେରାମକୃଷ୍ଣ ମନ୍ତ୍ର କହିଲେ ଗୁପ୍ତରେ ॥ ଏକାଳେ ଗୋପାଳ ଶିଶୁ ଆସୁଥିଲା ପଥେ । ସଙ୍ଗତରେ ଛନ୍ତି ତାର ପୁଣି ଗାଈ ଯୂଥ ॥ ଗୁରୁ ମନ୍ତ୍ର ଦେଉଛନ୍ତି ବୋଲି ସେ ଶୁଣିଲା । ଗାଈ-ମାନଙ୍କୁ ତଞ୍ଚଳ ଘୋଡାଇଣ ନେଲା ॥ ଆସି ଗୁରୁଙ୍କ ନିକଟେ ହୋଇଲା ପ୍ରବେଶ । ଗାଈମାନେ ଗୃହେ ଗଲେ ଯେ ଯାହାର ବାସ ॥ ଗୁରୁଙ୍କୁ ବୋଲେ ଗୋପାଳପୁଅ ମନ୍ତ୍ର ଦିଅ । ଏହି ଗ୍ରାମ ମଧ୍ୟରେ ଯେ ଅଟେ ମୋର ଗୃହ ॥ ଶୁଣିଣ ଗୁରୁ ବୋଇଲେ ତୁ ଅଟୁ ମୂରୁଖ । ମନ୍ତ୍ର ଘେନିବାକୁ କ୍ଷମ ଅଟୁ କି ବାଳକ ॥ ଗୋପାଳ ହୋଇଣ ଏହା ବୋଲୁ କେଉଁପରି । ଯାଅ ତୁହି ଏହିଠାରୁ ଆରେ ଦୁଷ୍ଟଗ୍ରସ୍ତ ॥ ଶୁଣି ଗୋପାଳର ପୁଅ ଗଲା ଅତିକ୍ରୋଧେ । ମାତା ପିତାଙ୍କ ଚରଣ ଧରିକରି କାନ୍ଦେ ॥ ଗୋପାଳ ବୋଇଲା ପୁତ୍ର କାହିଁକି କନ୍ଦାଉ । କଏ ତୋର ଲଉଡ଼ିକୁ ନେଲା କି ଛଡ଼ାଇ ॥ କିବା କାହା ସଙ୍ଗତରେ କଳିଗୋଳ ହେଲା । କେଉଁ ପିଲା ଅବା ତୋତେ ବଳରେ ମାଇଲା ॥ ତାହା ବେଗ କହି କନ୍ଦ ନ କର ସୁତ । ଶୁଣି ଗୋପଶିଶୁ ବୋଲେ ଶୁଣ ଅହେ ତାତ ॥ ବାଟେ ଆସୁ ଦେଖିଲଇଁ ଏକ ବ୍ରହ୍ମଚାରୀ । ପିଲାଙ୍କ କର୍ଣ୍ଣରେ କେଉଁ ମନ୍ତ୍ର ଦାନ କରି ॥ ମୁଁ ତାହାଙ୍କୁ ବୋଇଲି ଯେ ମନ୍ତ୍ର ନେବାପାଇଁ । ମୂର୍ଖ ଗୋପାଳ କହିଣ ମୋତେ କଲେ ନାହିଁ ॥ ଶୁଣି କର ପିତା ତାର ସଙ୍ଗତରେ ଗଲା । ଗୁରୁଙ୍କ ଚରଣେ ପଡ଼ି ବିନତୀ ହୋଇଲା ॥ ପାଶେ ଥିବା ଲୋକମାନେ ବୁଝାଇ କହିଲେ । ତହୁଁ ଯାଇଁ ବ୍ରହ୍ମଚାରୀ ସନମତ କଲେ ॥ ତୁଳସୀର ମାଳା ତାର

କଣ୍ଠରେ ଲମ୍ବାଇ । ଦକ୍ଷିଣ କର୍ଣ୍ଣରେ ମନ୍ତ୍ର ଗୋଟି ଦେଲେ କହି ॥
ଯେକାଳେ ଗୁରୁ ଫୁଙ୍କିଲେ ମନ୍ତ୍ର ତାର କର୍ଣ୍ଣେ । ହସ ହସ ହୋଇ
ହସେ ବାଳକ ତକ୍ଷଣେ । ଗୁରୁ ଦେଖି ବୋଇଲେକ ଅରେ ମୂର୍ଖାଧମ ।
ଏଣୁ ନାହିଁ କହୁଥିଲୁ ତୋତେ ରେ ଅଜ୍ଞାନ ॥ ଏମନ୍ତ ବହୁତ ରୂପେ
ଭର୍ତ୍ସନା କରିଲେ । ଏ ସମୟେ ଶିଷ୍ୟମାନେ ଯେଝା ଗୃହେ ଗଲେ ॥
ଗୋପାଳ କର୍ଣ୍ଣେ ଯେ ଗୁରୁ ମନ୍ତ୍ର କହିଥିଲେ । ପାଶୋରି ପକାଇଲା
ସେ ଶିଶୁ ତତକାଳେ ॥ ସମସ୍ତେ ଗୃହକୁ ଗଲେ ବସି ସେ ରହିଲା ।
ବହୁତ ଡାକିଲେ ମାତା ପିତା ନ ଶୁଣିଲା ॥ ତହୁଁ ତାର ପିଅର ଯେ
ଗୁରୁଙ୍କୁ ପୁଛଇ । ମଡ଼ଳେ ବସିଲା ପୁତ୍ର କହ କାହିଁପାଇଁ ॥ ଗୁରୁ
ଯାଇ ପଚାରିଲେ ସେକ୍ଷଣି ତାହାକୁ । କିରେ ବସିଛୁ କିପାଇଁ
ନୁଆଇଁ ଶିରକୁ ॥ ତତକ୍ଷଣେ ସେ ବାଳକ ଶିରେ ଯୋଡ଼ି କର ।
ବୋଇଲା କର୍ଣ୍ଣରେ ମନ୍ତ୍ର କହିଲେ ମୋହର ॥ ଭୁଲିଗଲି ଦିଅ କହି
ଆଉ ମୋତେ ଥରେ । ଶୁଣିଣ ଗୁରୁ ବୋଇଲେ ଅତ୍ୟନ୍ତ
କୋପରେ ॥ ତୋହର କର୍ଣ୍ଣରେ ମୁହିଁ ଯାହା ଥିଲି କହି । ଏବେ
ବାଲ ବାଲ ଭଜ କହୁଅଛୁ ତୁହି । ଶୁଣିଣ ଗୋପାଳ ପୁଅ ତହୁଁ
ଚଳିଗଲା । ଆପଣା ଚିତ୍ତରେ ବାଲ ବାଲ ସେ ଭଜିଲା । ଗୁରୁଙ୍କୁ
ପ୍ରଣମି ଗୃହେ ପ୍ରବେଶିଲା ଯାଇଁ । ଆରଦିନ ପ୍ରାତଃକାଳୁ ଗୋପାଳ
ଉଠଇ ॥ କାନନକୁ ଚାଲିଗଲା ଗୋରୁପଲ ଘେନି । ସେ ବନ
ମଧ୍ୟରେ ପାଷାଣେକ ଦେଖି ପୁଣି ॥ ତହିଁ ଉପରେ ବସିଲା ଯାଇଁ
ଗୋପସୁତ । ବାଲ ବାଲ କହି ପ୍ରେମେ ହୁଏ ଆନନ୍ଦିତ ॥ କେତେ-
ବେଳେ ନାଚଯାଏ ଆନନ୍ଦ ମନରେ । ପ୍ରଦକ୍ଷିଣ କରୁଥାଏ ଏହି
ପରକାରେ ॥ ବାଲମନ୍ତ୍ର ଗୋଟି ଢଲେ ମାତ୍ର ଭୁଲେ ନାହିଁ । ଏମନ୍ତ
ଆନନ୍ଦମନେ ନାଚିଥାଏ ଗାଇ । ତାହାର ଭାବ ଦେଖିଣ ଆହେ
ଅର୍ଜୁନ । ବୈକୁଣ୍ଠ ଭୁବନୁ ମୁହିଁ ଆଇଲି ବହନ । ଯେଉଁ ବନେ
ବସିଥିଲା ସେ ଗୋପକୁମର । ବାଲମୁକୁନ୍ଦରୂପେ ଦିଶିଲୁଁ ତା ଆଗର ॥

ଦେଖି ମୋତେ ଗୋପଶିଶୁ ଅନାଇତ ହେଲେ । ତୁମ୍ଭ ନାମ କିସ ବୋଲି ମୋତେ ସେ ପୁଚ୍ଛିଲେ ॥ ଏଠାକୁ ଆସିଲ ତୁମ୍ଭ ଗୃହ କେଉଁ ସ୍ଥାନେ । କେବଣ ଜାତି ତୁମ୍ଭର କହ ତତକ୍ଷଣେ ॥ କାହିଁପାଇଁ ଏକା ହୋଇ ଏଠାକୁ ଆଇଲ । ତୁମ୍ଭ ସଙ୍ଗେ କେହି ନାହିଁ ଦିଶୁଅଛ ବାଳ ॥ ଅନେକ ଅଳଙ୍କାର ଯେ ପିନ୍ଧିଛ ଘଟରେ । ସୁଗନ୍ଧ ଚନ୍ଦନ ଲେପା ହୋଇଛି ଅଙ୍ଗରେ ॥ ଅପୂର୍ବ ସୁନ୍ଦର ରୂପ ଦେଖା ନାହିଁ କାହିଁ । ଏ କାନନେ ଅଇଲ ହେ କହ କାହିଁପାଇଁ ॥ ତୁମ୍ଭଙ୍କୁ ଦେଖିଣ ଚିତ୍ତ ହୁଏ ପୁଲକିତ । କହ କହ ମୋତେ ତୁମ୍ଭେ ବଚନ ପ୍ରକୃତ ॥ ଏହା ଶୁଣିକରି ମୁହିଁ ହେଲି ହସ ହସ । ବୋଇଲି ଜାତିରେ ମୁହିଁ ଗୋପାଳର ଶିଷ୍ୟ ॥ ନନ୍ଦବ୍ରଜେ ମୋହର ଅଟଇ ପିଅର । କୃଷ୍ଣ ବୋଲି ପିତାମାତା ନାମ ଦେଲେ ମୋର ॥ ଦାଣ୍ଡରେ ବୋଲନ୍ତି ଲୋକେ ନନ୍ଦର କୁମର । କେ ବୋଲେ ଅନନ୍ତ କେହି କହେ ଚକ୍ରଧର ॥ କାଳିଆ ଦେଖା ଯିବାରୁ ଶରୀର ମୋହର । କାଳିଆ କୃଷ୍ଣ ବୋଲିଣ କହନ୍ତି କେ ନର ॥ ଏ ବଂଶୀକୁ ନିତ୍ୟ ମୁହିଁ କରେ ଧରିଥାଏ । ତେଣୁ ବେଣୁଧାରୀ ବୋଲି ଡାକନ୍ତି ଥୋକାଏ ॥ ଏରୂପେ ଅନେକମତେ ଡାକନ୍ତି ଯେ ନରେ । ତହିଁକି ଛଳ ମୋହର ନ ଥାଇ ହୃଦରେ ॥ ଖେଳ ଖେଳିବାକୁ ଖୋଜେ ବାଳକଙ୍କ ସଙ୍ଗେ । ତେଣୁକରି ଏକାକେ ମୁଁ ଅଇଲି ଏ ଜାଗେ ॥ ପୁଣି ପୁଚ୍ଛିଲି ତୁମ୍ଭର ନାମ କିସ କହ । ମୋ କଥା ଶୁଣି ବୋଇଲା ଗୋପାଳର ସୁତ । ଗୋପାଳ ଜାତି ମୋହର ନାମ ମୋ ଅନନ୍ତ । ଏ ନାମ ଦେଇ ଅଛନ୍ତି ମୋର ତାତ ମାତ ॥ ଏରୂପେ ବୋଇଲା ସେହୁ ପ୍ରକୃତ ଯେ ଥିଲା । ତା ଶୁଣି କହିଲି ମୁହିଁ ତାକୁ ଏ ପ୍ରକାର ॥ ତୁମ୍ଭ ଆମ୍ଭ ଦୁହିଁଙ୍କର ଏକଜାତି ସିନା । ଖେଳ ଖେଳିବା ଏ ବନେ ଆସ ଭାଇ କନା ॥ ଗୋପସୁତ ବୋଇଲା ତୁମ୍ଭେ କହନ୍ତିକ ସତ୍ୟ । ମୋର ଦେହକୁ ଏବେ ନଷ୍ଟ ନ କରିବ ॥ ବୋଇଲି ମୁହିଁ ଆସିବ ଏଥେଁ ପ୍ରତିଦିନ ।

ଅଜଠାରୁ ମିତ ତୁମ୍ଭେ ହେଲ ମୋର ତ୍ରାଣ ॥ ଏତେ କହି ସେ ଶିଶୁଙ୍କୁ କୋଳାଗତ କର । ସେ ମଧ୍ୟ ଅମ୍ଭ ଦେହକୁ ଅକର୍ଷିଲା ଧର ॥ ତତପରେ ଖେଳ ନାନାବିଧ ବିରଚିଲେ । ଭକତ ପ୍ରେମ ରଜ୍ଜୁରେ ବନ୍ଧନ ହୋଇଲ । ଗୋପାଳ ବୋଇଲା ମିତ ଏକ କଥା ଶୁଣ । ମୁଁ ତାଳି ମାରୁଛି ତୁମ୍ଭେ କର ଯେ ନର୍ତ୍ତନ । ହେଉ କହି ନାଚ ମୁହିଁ ଆରମ୍ଭ କରନ୍ତେ । ତାଳମାରି ସେ ନାଚିଲା ମୋହର ସଙ୍ଗତେ ॥ ବାଡ଼ିଖେଳ ହରିବୋଲ ତତପରେ ହେଲା । ଏ ସମୟେ ଜଣି ଆସି ପ୍ରବେଶ ହୋଇଲା । ତହୁଁ ଗୋପସୁତ ବୋଲେ ଶୁଣ ହେ ମଇତ୍ରେ । ସୂର୍ଯ୍ୟ ଅସ୍ତ ହେଲେ ଆଉ ନ ରହିବା ଏଥେ ॥ ଗାଈମାନେ ମୋର କେଉଁଆଡ଼େ ପୁଣି ଗଲେ । ତାହାଙ୍କୁ ଖୋଜି ଆଣିବା ଚାଲ ଏବେ ଭଲେ ॥ ତତପରେ ଅମ୍ଭ ଗୃହ ନିକଟଙ୍କୁ ଯିବା । ନୋହିଲେ ପିତାଙ୍କ-ଠାରୁ କଷ୍ଟ ନା ପାଇବା ॥ ଏହା ଶୁଣି ମୁହିଁ ତାର ସଙ୍ଗତରେ ଗଲି । ବନ ମଧ୍ୟରୁ ସକଳ ଗାଈଙ୍କି ଆଣିଲି । ମୁଁ ବୋଇଲି ଅହେ ମିତ ଯାଅ ଏବେ ଘର । ମୋହର ଗୃହେ ଯାଉଛି ଅହେ ମିତ୍ରବର ॥ ଗୋପାଳ ବୋଇଲା ତୁମ୍ଭେ ଆସିବ ତ ନାହିଁ । ସତ୍ୟ କରି କହିଯାଅ ସନ୍ଦେହ ପିଟାଇ । ତୁମ୍ଭଙ୍କୁ ଛାଡ଼ିବା ପାଇଁ ନ ବଳଇ ମନ । ନିଶ୍ଚୟ ଆସିବ କହୁଅଛି ମୋର ପ୍ରାଣ । ତାକୁ ବୋଇଲି ଏଥିରେ ସନ୍ଦେହ ନ କର । ତୁମ୍ଭ ବିନା ରହି ନ ପାରଇ ମିତବର । ତୁମ୍ଭେ ପ୍ରାଣସଖା ମୋର ଅଟ କାଟଲ ଭାଳେ । ଡାକିଲାମାତ୍ରେ ଆସିବି ମୁହିଁ ତତକାଳେ ॥ କିନ୍ତୁ ଏକ କଥା ମୁହିଁ କହୁଅଛି ଭାଇ । ମୋ ଆସିବା କଥା ଯେହ୍ନେ ନ ଜାଣିବେ କେହି ॥ ସେ ବୋଇଲା ତାହା ମୁହିଁ କେବେ ନ କହିବି । କହିଲେ ସେଥିରେ ଅବା କି ଫଳ ପାଇବି ॥ ଏଥିକୁ ମନରେ ତୁମ୍ଭେ ଅନ୍ୟଥା ନ ଭାଳ । ଏତେ କହି ତତକ୍ଷଣେ ବୋଲେ ଚାଲ ଚାଲ ॥ ଶୁଣିକରି ମୋତେ ବଡ଼ ହସ ଯେ ମାଡ଼ିଲା । ତାହା ଦେଖି ଗୋପସୁତ ଏମନ୍ତ ବୋଇଲା ॥ କାହିଁପାଇଁ ହସିଲ ହେ ମିତ୍ର ମୋତେ କହ ।

ଗୁରୁ ଉପଦେଶ ଏହା ଜାଣିବ ନିଷ୍ଟୟ । ମୁଁ ବୋଇଲି ଏହି କଥା ଶୁଣିଲେ ଦିଗମ୍ବର । ନର ନାରୀ ଉପବାସ କରିବେ ନିକର । ଗୋପାଳ ବୋଇଲା ଏହା ଛଡ଼ି ମୁଁ ନ ପାରେ । ଗୁରୁ ଉପଦେଶ କଥା କେହ୍ନେ ଛଡ଼ିପାରେ ॥ ଏହିପରି ଶୁଣି ମୁହିଁ ଅନ୍ତର୍ହିତ ହେଲି । ଯାଅ ଯାଅ ମିତ କହି କାନନେ ପଶିଲି ॥ ଗୋରୁ ଘେନି ଗୋପାଳ ଗୃହକୁ ଚଳିଲା । ଭୋଜନ ଶୟନ କ୍ରିୟା ଆଦି ଯେ କରିଲା ॥ ପରଦିନ ସେହିପରି ଆସିଲା କାନନେ । ଶିଳାପଟରେ ବସି ଡାକଦେଲା ମୋତେ ଏଣେ ॥ ସେ ଡାକ ଶୁଣିଣ ବଞ୍ଚେ ଧାଇଁଣ ଆସିଲି । ଅନନ୍ଦେ ତାହାକୁ ମୁହିଁ କୁଣ୍ଢାଇ ଧରିଲି ॥ ସେହିପରି ଖେଳ ଆମ୍ଭେ ରଚନା କରିଲୁ । ପୂର୍ବପରି ଯେଝା ଗୃହେ ହରଷେ ଚଳିଲୁ ॥ ଏହିରୂପେ ଷଡ଼ମାସ ହୋଇଲା ଅଗତ । ଏକଦିନେ ଗୁରୁ ଆସି ହେଲେ ଉପଗତ ॥ ଶିଷ୍ୟଗଣେ ଯାଇ ତାଙ୍କୁ କଲେ ଦରଶନ । ହାଣ୍ଡି ତଣ୍ଡୁଳ ଇନ୍ଧନ ଦେଲେ ଆଣି ପୁଣ ॥ ରନ୍ଧନ ଭୋଜନ ସାରି ଗୁରୁ ବସିଛନ୍ତି । ଏ ସମୟେ ଗୋପସୁତ ମିଳିଲା ଝଟତି ॥ ଗୁରୁ ଆସିବାର କଥା ଶୁଣିଲା କର୍ଣ୍ଣରେ । ତତକ୍ଷଣେ ଉପସ୍ଥିତ ଗୁରୁଙ୍କ ପାଶରେ ॥ ସାଷ୍ଟାଙ୍ଗରେ ଗୁରୁଙ୍କର ଚରଣରେ ପଡ଼ି । ଉଠି ଉଭା ହେଲା ଦୂରେ ଶିରେ କର ଯୋଡ଼ି ॥ ସୁବାସ ମହକ ଉଠେ ଅଙ୍ଗରୁ ତାହାର । ଏହା ଦେଖିଣକର ଗୁରୁ ହେଲେ ଚମତ୍କାର ॥ ଗୋପାଳ ପୁଅକୁ ଦେଖି ଆଶ୍ଚର୍ଯ୍ୟ ହୋଇଲେ । କୋମଳ ବାକ୍ୟରେ ପୁଣି ତାକୁ ପଚାରିଲେ । ଏ ସୁବାସ ଦ୍ରବ୍ୟ କାରୁ ପାଇଲୁ ତୁ କାହିଁ । ତୋହର ଦେହ ସୁବାସେ ମହକି ଉଠଇ । ଏହାର ତଥ୍ୟ ବଚନ ବେଗକର କହ । ଅଟନ୍ତି ତୋର ଗୁରୁ ଅଟୁ ଅଟର ଗୋପସୁଅ ॥ ଗୁରୁ ଆଗେ ଶିଷ୍ୟ ଯେବେ ମିଥ୍ୟା କଥା କହେ । ନରକେ ପଡ଼ଇ ସେହୁ ସାତଜନ୍ମ ଯାଏ ॥ ଗୁରୁପାଶେ ଶିଷ୍ୟ ଯେବେ କପଟ କରଇ । ତାକୁ ଧର୍ମପଥ ପୁଣି ଅଦୃଶ୍ୟ ହୁଅଇ ॥ ଗୁରୁଙ୍କ ପସୃରେ ଯେହୁ ଅଭକତି ହୁଏ । ଅନେକ ଦଣ୍ଡ ତାହାକୁ ଜଗନ୍ନାଥ

୭୫ । ଏପରି ଶାବକେ ଆଣି ପୋଷନ୍ତି ଘରେ । ପୁନଶ୍ଚ ପଢାନ୍ତି ନେଇ ଗୌରବ କ୍ଷଣରେ ॥ ଏ କଥା ବିଶ୍ବାସ ବାବୁ ସତ୍ୟ କଥା କହ । ଶରୀର ବାପି ଉଠଇ ହୋଇ ମହାମହ ॥ ଏପରି ଶୁଣି ବାଳକ ବିଚାରଇ ମନେ । କପରି କହିବି ମୁହିଁ ପ୍ରକୃତ ବଚନେ ॥ ଏହି ମନ୍ତ୍ରଦାତା ପୁଣି ଅଟନ୍ତି ମୋହର । ଏହାଙ୍କ ଅଗ୍ରେ ମିଥ୍ୟା ମୁ କହିବି କ ପ୍ରକାର ॥ ନ ଅସନ୍ତୁ ମିତ୍ର ପଛେ ସତ୍ୟ କହିବଇଁ । ଯେବେ ନ କହିବି ତେବେ ନର୍କେ ପଡିବଇଁ ॥ କହିଲେ ମିତ୍ରଠାରେ ମୁଁ ଅପରାଧୀ ହେବି । ଆଉ ମିତ୍ରଙ୍କ ବଦନ କେବେ ନ ଦେଖିବି ॥ ଏ ଦୋଷ ଦେଖିଣ ଧାତା ଏହା ଘଟାଇଲା । ଏହା ଭାଳି ସେ ବାଳକ ଦୁଃଖିତ ହୋଇଲା ॥ ଲୋତକେ ପୂର୍ଣ୍ଣ ହୋଇଲା ନୟନ ତାହାର । ପୁନରପି ଚିନ୍ତୟନ୍ତ ବିଚାରେ ତତ୍ପର ॥ କହିଲେ ବିନା ମିତ୍ରଙ୍କଠାରେ ଦୋଷୀ ହେବି । ଯେବେ ନ ଆସିବେ ମୁହିଁ ତାଙ୍କପାଶେ ଯିବି ॥ ଅନେକ ମତେ ବିନୟୀ ହୋଇବି ତାହାଙ୍କୁ । ଦୋଷ ଛଡାଇଣ ପାଦେ ବେଷ୍ଟିବି ମିତ୍ରଙ୍କୁ ॥ କହିବଇଁ କ୍ଷମା କର ମୋର ଦୋଷମାନ । ଏହା ଶୁଣି ତନୁଷ୍ଟ ଯେ ହେବେ ମିତ୍ର ପୁଣ ॥ ଏତେ ଭାଳି ବୋଇଲା ସେ ଶୁଣ ଗୁରୁଦେବ । କାନନକୁ ଯାଏ ମୁହିଁ ନିତ୍ୟ ଧେନୁ ଗାବ ॥ ଅତ୍ୟନ୍ତ ସୁନ୍ଦର ପୁଣି କାମଦେବ ମୂର୍ତ୍ତି । ନାନା ଅଳଙ୍କାର ସେହୁ ଅଙ୍ଗେ ଘେନି ଥାନ୍ତି ॥ କର୍ଣ୍ଣତଟରେ କୁଣ୍ଡଳ ବାହେ ଖଡୁ ନେତ । ଅଧରେ ମୁରଲୀ ଧ୍ଵନି ଶିରେ ମୁକୁଟଛି । ପଦ୍ମରେ ନୂପୁର ଦୂରୁ ଶୁଭେ ରୁଣଝୁଣ । ହୃଦରେ ଲମ୍ବିଛି ନାନା ପୁଷ୍ପମାଳମାନ ॥ ଚତୁଃସମ ଅଙ୍ଗରେ ଯେ ହୋଇଛନ୍ତି ବୋଳ । କଟିତଟେ ପୀତାମ୍ବର ରତନ ମେଖଳୀ ॥ ଶ୍ରୀମୁଖ ମଣ୍ଡଳ କିବା ପୂର୍ଣ୍ଣଶଶଧର । ଅଞ୍ଜନ ପ୍ରାୟେ କାଳିଆ ବରନ ଶରୀର ॥ କୋକିଳ ପ୍ରାୟେ ବଚନ ଭାଷନ୍ତି ହସଛେ । ସେ ଲୋକର ସଙ୍ଗେ ମୁହିଁ ଖେଳଇ ଯେ ନିତ୍ୟେ ॥ ତାଙ୍କର ଶରୀର ଗୋଷ୍ଠ ମହକି ଉଠଇ । ତାଙ୍କ ଦେହେ ଲାଗିବାରୁ ମୋ ଦେହ ଗୋସାଇଁ ।

ତେଣୁ ମୋ ଶରୀର ବାସେ ହୋଇ ମନ୍ଦମନ୍ଦ । ଏଥିରେ ସନ୍ଦେହ ନାହିଁ ଅହେ ମହାଶୟ ॥ କାପୃମ କରଇ ତବ ପାଦପଦ୍ମ ଛୁଇଁ । ସତ୍ୟ ସତ୍ୟ ଅଟେ ଏହା ମିଥ୍ୟା ଏଥେଁ ନାହିଁ ॥ ଶୁଣିଣ ସେ ବ୍ରହ୍ମଜ୍ଞାନୀ ହେଲେ ଆନନ୍ଦିତ । କୋଳାଗ୍ରତ କରି ନେଲେ ଗୋପାଳର ସୁତ ॥ ଅଙ୍କରେ ବସାଇ ମୁଖେ ଚୁମ୍ବନ ସେ ଦେଲେ । ପଠେଇ ଆଦୃଂସି ତାଙ୍କୁ ବିଶ୍ୱାସ କଲେ ॥ ବହୁତ କହିଲ ପ୍ରସନ୍ନ ହୋଇଲେ ଅତ୍ୟନ୍ତ । ନୋହିଲେ ଏରୂପ ବର୍ଣ୍ଣି କାହାର ହେବତ ॥ ବୋଇଲେ ରେ ବତ୍ସ ତୁହି ଅଟୁ ଧନ୍ୟ ଯୋଗ୍ୟ । ଜାଣିଲି ତୋହର ପୁଣି ଅଟେ ବଡ଼ଭାଗ୍ୟ ॥ ଯେଣୁ ତୁହି ଶ୍ରୀହରିଙ୍କୁ କରିଲୁ ଦର୍ଶନ । ତୋହଠାରୁ ବଳ କେହୁ ଅଛୁ ପୁଣ୍ୟବାନ ॥ ଯେତେବେଳେ ମୁହିଁ ଏହି ସ୍ଥାନରୁ ଯେ ଗଲି । ଛଅମାସ ଯାଏ ବହୁତୀର୍ଥ ମୁଁ ଭ୍ରମିଲି ॥ ମୁଁ ଗଲା ଦିନରୁ ତୁହି କରିଲୁ କେମନ୍ତ । ମିଥ୍ୟା ନ କହି ମୋହର ଆଗେ କହ ସତ ॥ ତହୁଁ ଗୋପଶିଶୁ ବୋଲେ କିଛି କରି ନାହିଁ । କେବଳ ତୁମ୍ଭର ଦେବା ମନ୍ତ୍ରକୁ ଘୋଷଇ ॥ ଗୁରୁ ବୋଇଲେ କି ମନ୍ତ୍ର ମୁହିଁ କହିଥିଲି । ଶିଷ୍ୟ ବୋଲେ ବାଳ ବାଳ ଯୋଚିଥିଅ ବୋଲି ॥ ଏହା ବିନା ଅନ୍ୟ ମୁହିଁ କିଛି ଜାଣେ ନାହିଁ । ତୁମ୍ଭର ଆଗରେ ସତ୍ୟ କହିଲି ଗୋସାଇଁ ॥ ଗୁରୁ ବୋଇଲେ ରେ ବାଳ ପଚାରେ ମୁଁ ତୋତେ । କିଛି ଦକ୍ଷିଣା ଦେଇ ତୁ ପାରିବୁ କି ମୋତେ ॥ ଶିଷ୍ୟ ବୋଇଲ କି ଦକ୍ଷିଣା କହ ହେ ଗୋସାଇଁ । ଦେଇ ପାରିବାର ହେଲେ ଅବଶ୍ୟ ଦେବଇଁ ॥ ବ୍ରହ୍ମଜ୍ଞାନୀ ବୋଇଲେ ଯେ ଖେଳୁ ତୁ ଯା ସଙ୍ଗେ । ତାଙ୍କୁ ଦେଖାଇ ପାରିବୁ କି ରେ ବାବୁ ବେଗେ ॥ ଶୁଣି କହଇ ଗୋପଶିଶୁ ବୋଲଇ ଗୁରୁଙ୍କୁ । ଅଯନ୍ତ୍ର ସେ ପ୍ରତିଦିନ ଖେଳ ଖେଳିବାକୁ ॥ ଯେତେବେଳେ ମୋର ସଙ୍ଗେ ଖେଳ ଖେଳୁଥିବେ । ସେ କାଳେ ତୁମ୍ଭେ ଯାଇଁଣ ଦେଖିବଟି ତେବେ ॥ ଦେଖିବ କେଡ଼େ ସୁନ୍ଦର ସେ ମୋହନମୂର୍ତ୍ତି । ଏ କଥାକୁ ଭାବନା ଯେ ନ କର ହେ ଯତି ॥ ମୋ ସଙ୍ଗତେ ଯିବ କାଲି ଅରଣ୍ୟ ମଧ୍ୟକୁ । ସେ ରୂପ ଦେଖାଇ ଦେଇ

କହୁଛୁ ତୁମ୍ଭଙ୍କୁ । ଏପରି ବୋଲି ଗୋପାଳ ଗଲେ ଯେ ଭବନେ ।
ବ୍ରହ୍ମଚାରୀ ମନେ ବସି ଭାବିଲେ ଏସନେ । ଗୋପାଳ ସଙ୍ଗେ ମୁହିଁ ତ
ନୋହିଲି ଯେ ସରି । ଏତେ ପାଠ ପଢ଼ିବାର ବୃଥା ଯେ ମୋହର ।
ଜପ ମନ୍ତ୍ର ବେଦ ବିଦ୍ୟା ପଢ଼ିଲେ କି ହେବ । ଯାର ମାୟା ଦେବଗଣେ
ଅଟଇ ଦୁର୍ଲଭ । ସେ ପୁଣି ଗୋପକିଶୋରଙ୍କୁ ପ୍ରସନ୍ନ ହୋଇଲେ ।
ଏତେ ଭାବି ମନମଧ୍ୟେ ସ୍ତୁତି ପାଠକଲେ । ଜୟ ଜୟ ଜଗନ୍ନାଥ ପତିତ-
ପାବନ । ଜୟ ଜୟ ଜଗନ୍ନାଥ ଦୁରିତନାଶନ । ଜୟ ଜୟ ଜଗନ୍ନାଥ
ଭକ୍ତଉଦ୍ଧାରଣ । ପ୍ରସନ୍ନ ହୋଇଣ ବାରେ ଦିଅନ୍ତୁ ଦର୍ଶନ । ଏହିପରି
ମନେ ମନେ ବହୁସ୍ତବ କରି । ଅନାହାରେ ଶୋଇଲେ ସେ କୁଶଶଯ୍ୟା
ପାରି । ରଜନୀ ଅନ୍ତେ ଦିବସ ଆସି ପ୍ରବେଶିଲା । ଗୋପାଳ ବାଳକ
ଆସି ଦୁଆରେ ଡାକିଲା । ଆସ ଆସ ଗୁରୁଦେବ ଯିବା ପରା ବନ । ଉତ୍ତର
ହେଉଛି ମାତ୍ରଆସେ ଖରା ପୁଣ । 'ଗୋରୁପଲ ହେମାରିବ ଦିଅନ୍ତି
ଗୋଠରେ । ଏହା ଶୁଣି ଗୁରୁଦେବ ଚଳିଲେ ସଙ୍ଗରେ । ଗୋପାଳଶିଶୁ
ଯେ ଏତେଣ ଗାଈ ଫିଟାଇଲା । ସଙ୍କେତ ସ୍ଥାନରେ ଯାଇଁ ବେଗେ ସେ
ମିଳିଲା । ଗୁରୁଙ୍କୁ କହିଲା ତୁମ୍ଭେ ଲୁଚିକରି ବସ । ଏହିକ୍ଷଣି ମଇତ୍ର
ଯେ ହୋଇବେ ପ୍ରବେଶ । ଶୁଣିକରି ଗୁରୁ ବୃକ୍ଷ ଉହାଡ଼େ ରହିଲେ ।
ମନ ମଧ୍ୟେ ଶ୍ରୀହରିଙ୍କୁ ଭାବନା କରିଲେ । ପାଷାଣ ଉପରେ ବସି
ଗୋପାଳକୁମର । ଉଚ୍ଚସ୍ୱରେ ଡାକଦେଲା ଆସ ମିତ୍ରବର । ତାହା
ଶୁଣିକରି ମୁହିଁ ସତ୍ୱର ଚଳିଲି । ଗୁରୁ ଶିଷ୍ୟଙ୍କର ପାଶେ ପ୍ରବେଶ
ହୋଇଲି । ସେଠାରେ ବିଜୟ କଲି ଭକ୍ତଭାବ ଜାଣି । ମିତେ ବୋଇଲି
କପଟକଲ ମୋରେ ପୁଣି । ଗୁରୁଙ୍କ ଆଗରେ ତୁମ୍ଭେ କହିଲ କିପାଇଁ ।
ମନା କରିଥିଲି ପରା ମିତ ତୁମ୍ଭଙ୍କୁ ହିଁ । ତୁମ୍ଭଠାରେ ମୋର ଛିଲେ
ଅନ୍ତର ନ ଥିଲା । ଅଜଠାରୁ ଆସିବାର ମୋର ବନ୍ଦହେଲା । ଜୀବନ୍ତେ
ଐଶ୍ୱର୍ଯ୍ୟ ଲଭି ମଲେ ମୋକ୍ଷଗତି । ଏହିରୂପେ ଆଜ୍ଞାଦେଲି ହୋଇ
ତୋଷମତି । ବିଜୁଳୀ ପରାୟେ ହୋଇ ଦେଖୁଁ ଦେଖୁଁ ଗଲି । କହୁଚେ

ଗୁରୁଙ୍କ ଦୃଷ୍ଟିପଥରେ ପଡ଼ିଲା ॥ ତାହାଙ୍କ ଅଙ୍ଗରୁ ପାପମାନ ଗଲା ଛାଡ଼ି । ଶିଷ୍ୟବୋଲେ ଦେଖିଲତ ଶଙ୍ଖଚକ୍ରଧାରୀ । ଗୁରୁ ବୋଇଲେ ମୋହର ସାର୍ଥକ ଜୀବନ । ପାପ ନଷ୍ଟେ ଦେଖିଲି କମଲଲୋଚନ ॥ କି ଜାଣି ପୂର୍ବରେ କେଉଁ କର୍ମ କରିଥିଲି । ତେଣୁ ମୁଁ ପ୍ରଭୁଙ୍କ ଅଙ୍ଗ ଦର୍ଶନ ପାଇଲି ॥ ଅରେ ବାବୁ ଶୁଭ ଯୋଗେ କରିଥିଲୁ ଶିଷ୍ୟ । ତୋ ହେତୁ ଦେଖିଲି ନେତ୍ରେ ପ୍ରଭୁ ଜଗଦୀଶ ॥ ଗୋପାଳ ବୋଇଲା ସ୍ୱାମି ତବ କାର୍ଯ୍ୟ ହେଲା । ଚିରକାଳ ସଙ୍ଗ ସୁଖ ମୋର ଛାଡ଼ିଗଲା ॥ ଆହା ସେ ଲାବଣ୍ୟ ରୂପ ଯେତେ କି ଦେଖିବି । ଜୀବଥିବା ଯାଏ ଭାବି ଭାବି ମୁଁ ମରିବି ॥ ଯେତେ କି ଦେଖିବି ଆଉ ମିତ୍ରଙ୍କର ମୁଖ । ତୁମ୍ଭ ହେତୁ ଭଗ୍ନ ହେଲା ଏଡ଼େ ବଡ଼ ସୁଖ ॥ ମିତ ମିତ ଡାକୁଥିଲେ ଆଉ କେ ଡାକିବ । ସେ ମଧୁର ଧ୍ୱନି ଆଉ କେବେ ଶୁଣାଇବ ॥ ଯେତେ କି ଦେଖିବି ଆଉ ସେ ପଦ୍ମଲୋଚନ । କାହା ସଙ୍ଗେ ଖେଳ ମୁହିଁ ଖେଳିବି କାନନ ॥ ଡାକିଲାକ୍ଷଣି ମୋହର ପାଶକୁ ଆସନ୍ତି । କୁଣ୍ଢାକୁଣ୍ଢି ହୋଇ ପୁଣି କଥାବାର୍ତ୍ତା ହୁଅନ୍ତି ॥ ଏହାପରେ ଷଡ଼ମାସ ହୋଇଲା ଅତୀତ । ଏତେକାଳେ ଆଶା ତାହା ହୋଇଗଲା ବ୍ୟର୍ଥ ॥ କିଏ ସେ ବୋଲି ତାହାଙ୍କୁ ନ ପାରିଲି ଚିହ୍ନି । ତୁମ୍ଭ କହିବାରୁ ସିନା ଏ କଥା ମୁଁ ଜାଣି ॥ ଆହା ପ୍ରଭୁ ଜଗତ୍କର୍ତ୍ତା ଭକତସୋଦର । ଆହା ପ୍ରଭୁ ପ୍ରାଣ ମିତ ଆହା ଚକ୍ରଧର ॥ କେଉଁ ଆଡ଼େ ଚାଲିଗଲ ମୋତେ ଦେଖାହଅ । ଏହିରୂପେ କାନ୍ଦୁ କାନ୍ଦୁ ବହିପଡ଼େ ଲୁହ । ଗୁରୁଦେବ ପ୍ରବୋଧନା କରିଲେ ଅନେକ । କେପାଇଁ କାନ୍ଦୁଛୁ ବତ୍ସ ଅଜ୍ଞାନୀ ପ୍ରାୟେକ ॥ ଆଉ ଖୋଜିଲେ ତାହାଙ୍କୁ ନ ପାଇବୁ କେବେ । ଛାଡ଼ ଛାଡ଼ ହୃଦୟରୁ ସନ୍ତାପକୁ ଏବେ ॥ ଏହା କହି ଗୁରୁ ଶିଷ୍ୟ ଗଲେ ଯେଝା ଗୃହେ । ହରେକୃଷ୍ଣ ଦାସ ଏହା ଗୀତରେ ଯେ କହେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ବିଷ୍ଣୁ
ଦାସଠାରୁ ମନ୍ତ୍ର ଘେନି ଗୋପାଳଙ୍କ ଶୁଭ କୃଷ୍ଣଦର୍ଶନ
ବିଷୟ କଥନେ ନାମ ସପ୍ତଦଶତମୋଽଧ୍ୟାୟଃ ।

## ଅଷ୍ଟସପ୍ତତିତମ ଅଧ୍ୟାୟ ।

ପୁନରପି ପଚାରଇ ବୀର ଅର୍ଜୁନ । ହେ ଦୟାସାଗର ହରି ଅରତିନାଶନ ॥ ଅବର କଥାଏ ମୋତେ କହିବା ବିସ୍ତାରି । ଜନମ ହୋଇଲେ ମର୍ତ୍ତ୍ୟ ଗୋତ୍ରୁଏ କପରି ॥ ଏ ବିଷୟେ ଜନ୍ମିଅଛି ମୋହର ସନ୍ଦେହ । ସେ କଥା କହି ହୃଦର ଛେଦ ଯେ ସଂଶୟ ॥ ଶ୍ରୀହରି ବୋଇଲେ ତାହା ଏକମନେ ଶୁଣ । ଗୋତ୍ରୁଜନ୍ମ କଥା ଗୋଟି ଅତ୍ୟନ୍ତ ଗୋପନ ॥ ଯେବଣ କାଳରେ ପାର୍ଥ ପ୍ରଳୟ ହୋଇଲା । ପ୍ରଳୟାନ୍ତେ ସୃଷ୍ଟି ପୁଣି ଲୟ ପ୍ରାପ୍ତ ହେଲା ॥ ପଶୁ ପକ୍ଷୀ ନର ଅହି ଅମର ଦଇତ । ପ୍ରଳୟ ସଲିଳେ ନାଶଗଲେ ଯେ ସମସ୍ତ ॥ ଅମ୍ଭେ ବ୍ରହ୍ମା ଆଦି ଶିବ ସର୍ବେ ହେଲୁ ନାଶ । ପ୍ରଳୟ ସଲିଳେ ପୃଥ୍ୱୀ ହେଲା ଦଶଦିଶ ॥ ଏମନ୍ତ ସୃଷ୍ଟି ବିନାଶ କଥା ଜାଣି ହରି । ପୁଣି ସୃଷ୍ଟି ସୃଜିବାକୁ ମନରେ ବିଚାରି ॥ ପ୍ରଥମରେ ସ୍ତ୍ରୀ ଏକ କଲେ ଯେ ଜାତ । ସେହି ରମଣୀ ଗୋଟି ଯେ ଅଟେ ଆଦିମାତ ॥ ସେ ଆଦିମାତାଙ୍କ ଶୋଭା କେ କରେ ବର୍ଣ୍ଣନ । ତାଙ୍କ ଶୋଭାକଥା ମୁହିଁ କହିବ ଭାଜନ ॥ ସେ ସୁନ୍ଦରୀର ରୂପକୁ ଦେଖି ନିରାକାର । କାମଶରେ ତାଙ୍କ ଦେହ ହେଲା ଜରଜର ॥ ବ୍ରହ୍ମ ବୀର୍ଯ୍ୟ ଶ୍ରୀଅଙ୍ଗରୁ ପଡ଼ିଲାକ ଖସି । ଦେଖିକରି ଆଦିମାତା ହେଲେ ମହାଖୁସି ॥ ଅକଳନ୍ତ ଜଳେ ପଡ଼ି ସେହି ବ୍ରହ୍ମବୀର୍ଯ୍ୟ । ପୁନର୍ମଳ ରତ୍ନ ପ୍ରାୟେ ଦେଖାଯାଏ ତେଜ ॥ ପ୍ରତ୍ୟକ୍ଷରେ ସେହି ବୀର୍ଯ୍ୟ ଅଚ୍ୟୁତ ଅଂଶର । ଆଦିମାତା ପାନକଲା ତା ନେଇ ସତ୍ୱର ॥ ଅମ୍ଭେ ତିନିଜଣ ତାଙ୍କଠାରୁ ଜାତ ହେଲୁ । ଦିବ୍ୟ ସ୍ୱରୂପ ଧରଣ ଅଗ୍ରେ ଉଭା ହେଲୁ ॥ ଆଦିମାତା ଗୃହିଁ ଅମ୍ଭଙ୍କୁ ଯେ ଆଜ୍ଞା ଦେଲେ । ନୂତନ ପୃଥିବୀ ସରଜନା କରି ଭଲେ ॥ ତାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରିଗଲୁ ଅମ୍ଭେ । ଉପାୟେ ସୃଷ୍ଟି ସର୍ଜନା କଲୁ ଯେ ତବେ ॥ ଚଉଦ ବ୍ରହ୍ମାଣ୍ଡ ସରଜିଲୁ କଉଶଳେ । ନାନାବିଧ ଜୀବ ଜନ୍ତୁ ନାନା ବୃକ୍ଷମୂଳେ ॥ ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି କରି । ସୃଷ୍ଟି ଏରୂପେ ଭିଆଣ କରି ଯତ୍ନେ ଧରି ॥ ଅମ୍ଭେ ଯାଇଁ ବସିଅଛୁ

ଜ୍ୱର ପର୍ଣ୍ଣରେ । ଅନ୍ନମାତା ପ୍ରବେଶିଲେ ଅମ୍ଭର ପାଖରେ ॥
ତାଙ୍କୁ ଦେଖି ବ୍ରହ୍ମା ଅମ୍ଭେ ଉଠିଣ ଯେ ଗଲୁ । ମାତାଙ୍କ ଚରଣତଳେ
ନମସ୍କାର କଲୁ ॥ ବସିଥିଲେ ଈଶ୍ୱର ଯେ ଉଠିଲେ ତତ୍ପର । ଦେଖିଲେ
ମହେଶ୍ୱରଙ୍କ ଅପୂର୍ବ ମୂରତି । ରୂପ ଦେଖି ତାଙ୍କ ଚିତ୍ତ ହେଲା
ବିମୋହିତ । ପଞ୍ଚପ୍ରାଣ କାମଶରେ କଲା ଦଗ୍ଧୀଭୂତ ॥ ରତି ରସରେ
ତାଙ୍କର ବଳଲା ମନୀଷା । ସର୍ବାଙ୍ଗରେ ବାରଂବାର କାମ ଧଏ ଭୂଷା ॥
ମାୟାମୋହେ ମୁଗ୍ଧ ହେଲା ତାହାଙ୍କର ଚିତ୍ତ । ମାତା ମନହାସେ ହିବ
ହେଲେ ଜ୍ଞାନହତ ॥ ଲାଜ ଭୟ ସଙ୍କୋଚ୍ଚ ଦୂର କରଦେଇ । ସେ
ଅନାଦି ଭବାନୀଙ୍କୁ ଧଇଲେ କୁଣ୍ଢାଇ ॥ ମାଇଲେକ ବେଦଜଣ
ସୁରତି ରସରେ । ଦେଖି ଅମ୍ଭେ ନ ରହିଲୁ ତାହାଙ୍କ ପାଶରେ ॥ ନିଜ
ମାତାଙ୍କ ଅନୀତି ଦେଖି ଚତୁର୍ମୁଖ । ଅଚମ୍ଭିତ ହୋଇ ମନେ କଲେ
ଅତି ଦୁଃଖ ॥ କ୍ରୋଧ ଚିତ୍ତେ ବୋଇଲେକ ଶୁଣ ଗୋ ଜନନୀ । ଜ୍ଞାନ-
ଗୋଚର କି ତୋର ସବୁ ହେଲା ହାନି ॥ ମାତା ହୋଇ କେଉଁପରି
କଲୁ ଏତେ କର୍ମ । ଧିକ ଧିକ ନ ଗୃହିଁ ଯେ ତୋ ହର ଅଧମ ॥
ପୁଣ୍ୟନାଶୀ ହୋଇ ତୁହି କଲୁ ନୀଚକାର୍ଯ୍ୟ । କେଉଁ ଅତେ ବସିଲୁ ତୁ
ପୋଡ଼ି ସବୁ ଲାଜ ॥ ସଂସାର ସୃଜନା ଅଛି ଉତପତ୍ତି କାଳେ ।
କେତେହେକ ଅକର୍ମ ତୁହି କରିଲୁ ଶମ୍ଭୁଲେ ॥ ହରତ ବାଳକ ଯେଣୁ
ମତି ତା ବିନଷ୍ଟ । ତୁ କରୂପେ ଜାଣୁ ଜାଣୁ ହେଲୁ ଜ୍ଞାନଭ୍ରଷ୍ଟ । କିସ
ବୋଲିବେ ଜଗତ ଜନମାନେ ଶୁଣି । ତୁବ ମାତା ହୋଇ ନାଶ-
କଲୁ ଧର୍ମ ପୁଣି ॥ ଅନାଦି ନାରୀ ହୋଇ ତୁ କଲୁ ଏଡ଼େ କର୍ମ ।
ଆଉର ନାରୀ କିପାଇଁ ପାଳିବେ ଯେ ଧର୍ମ ॥ ସ୍ତ୍ରୀଙ୍କ ଧର୍ମରେ ଦିନା
ଭାସ ବନ୍ଧେ ମତି । ପୁରୁଷଙ୍କ ଧର୍ମେ ପିନା ମେଦନୀ ପାଳଇ ॥ ତୁହି
ଯେବେ ପ୍ରଥମରୁ ଅନାଚାରୀ ହେଲୁ । କେତେ ମନ୍ତ୍ର ଶାସ୍ତ୍ର ବହୁବଟି
ଯେ କହିଲୁ ॥ ନିଶ୍ଚେ ସଂସାର ତୋହର ଯୋଗୁଁ ନଷ୍ଟ ହେଲା ।
ସର୍ବେ ଦୁଃଖ ପାଇବେଟି ଜାଣିଥାଅ ଭଲ ॥ ପୁଣି ଏ ସଂସାରେ

ଜଳ ହୋଇବ ପ୍ରବଳ । ଘୋରଯୋଗଂ ସର୍ବଜୀବେ ହୋଇବେ ବ୍ୟାକୁଳ ॥ ସୃଷ୍ଟି ଅମ୍ଭେ କରିଥିଲୁ ଅନେକ ଉପାୟେ । ତାହା ତୁହ ବନାଇଲ କିଷ୍ମତରେ ମାଏ ॥ ଧିକ ତୋର ଯଉବନ ଧିକ ତୋର ରୂପ । ଯୌବନ ଗର୍ବରେ ମତ୍ତ ହୋଇଲୁ ଅମାପ ॥ ମୁହିଂ ଧିକ୍କାର ବହୁତ ରୂପରେ କହିଲି । ବଧାତାଙ୍କ ସଙ୍ଗେ ନେଇ ସେ ସ୍ଥାନୁ ଅଇଲି ॥ ଅମ୍ଭର ଜିଜ୍ଞାସ ବାକ୍ୟ ଆଦମାତା ଶୁଣି । ଶ୍ରୁତଲେ ସୁଭଣ ରସ ଲଜ୍ଜାଜିବ ଯେଣ ॥ ଅମ୍ଭଙ୍କୁ ବୋଇଲେ ପୁଣି କଲ ମନ୍ଦକର୍ମ । ମୁଖେ ମାତାଙ୍କୁ ନିନ୍ଦିଲ ପାଇଲ ଅଧର୍ମ ॥ ଅନ୍ୟ ନାରୀ ସହିତରେ ମୋତେ ତୁଲ୍ୟ କଲ । ମୋ ଶାପେ ମର୍ତ୍ତ୍ୟରେ ଜାତ ହୋଇବ କେବଳ ॥ ଅହେ ବହି ମୋତେ ସ୍ତ୍ରୀ ଦେଖିକରୁ ତୁହ । କେତେ ଧିକ୍କାରବଚନ କହିଲୁ ତୁହାଇ ॥ ନାରୀରୂପେ ମର୍ତ୍ତ୍ୟେ ତୁହ ହୋଇବୁ ନିଶ୍ଚୟ । ମୋର ଅଭିଶାପ କଦା ନୋହିବ ଖଣ୍ଡିତ ॥ ମୋତେ ତହୁଁ ଶାପ ଦେଲେ ନାନା ଯୋନି ପାଅ । ମାତାର ନିନ୍ଦାର ଫଳ ଜାଣିବ ନିଶ୍ଚୟ ॥ ଜଗତ ନାରୀଙ୍କ ସଙ୍ଗେ ମୋତେ ତୁଲ କଲ । ଅବର ଧିକ୍କାର କେତେ ରୂପେ ଯେ ବୋଇଲ ॥ ତୁମ୍ଭପରି ଶତ ଶତ ବ୍ରହ୍ମା ବିଷ୍ଣୁ ଶିବ । ଏକନିମିଷକେ ଜାତ କରିପାରେ ସର୍ବ ॥ ଆଦ ମାହେଶ୍ୱରୀ ଏହିରୂପେ ଶାପଦ୍ୟନ୍ତେ । ନିରାକାରଙ୍କୁ କହିଲୁ ଯାଇଣି ତୁରତେ ॥ ଅହେ ପ୍ରଭୁ ପରଂବ୍ରହ୍ମ ନିରାକାର ହରି । ପରମ ପୁରୁଷ ତୁମ୍ଭେ ସୃଷ୍ଟିଲପ୍ରକାଶୀ ॥ ତବ ତିନ ଶିଷ୍ୟଅମ୍ଭେ ବ୍ରହ୍ମା ବିଷ୍ଣୁ ଶିବ । ତୁମ୍ଭ ଆଜ୍ଞାରେ ଉଅଛି ଏହି ମର୍ତ୍ତ୍ୟ ସର୍ବ ॥ ସୁର ଗିରି ଶିଖେ ଅମ୍ଭେ ବସିଥିଲୁଁ ଯାଇଁ । ପ୍ରବେଶିଲେ ଅମ୍ଭପାଶେ ଆଦ ମହାମାଇ ॥ ଅମ୍ଭେ ତିନ୍ହେଁ . ଭକତିରେ କଲୁ ନମସ୍କାର । ମହେଶ କରିଲେ ହୀନକର୍ମ ବ୍ୟବହାର ॥ ମାତାଙ୍କୁ ବରିଲେ ସେହି ପାପକୁ ନ ଡରି । ମାତା ପୁଣି ଖାଇଲେ ଯେ ଲଜ୍ଜା ପୋଡ଼ି କରି ॥ ସହି ନ ପାରିଲୁ ଅମ୍ଭେ ଦେଖି ଏ ଅନ୍ୟାୟ । ମନ୍ଦ ବ୍ୟବହାର ଦେଖି ଜାତହେଲା କୋହ ॥ ଭର୍ତ୍ସନା କରି ସବେଙ୍କ

ତାହାଙ୍କୁ କହନ୍ତେ । ମହାମାଈ ଶାପ ଦେଲେ କୋପ କରି ଚିତ୍ତେ ॥ ବୋଇଲେ ମର୍ତ୍ତ୍ୟରେ ନାଶ୍ୱ ସ୍ୱରୂପରେ ରହ । ଆବର କହିଲେ ମାତା ନିନ୍ଦାଫଳ ପାଅ ॥ କିସ ଅପରାଧେ ପ୍ରଭୁ ଏତେକ ଅଭିଶାପ । ଦେଲେ ତାହା ବୁଝିବେଟି କହିଣ ସ୍ୱରୂପ ॥ ଶୁଣି ନସ୍କାର ମନେ ବିସ୍ମୟ ଯେ ହେଲେ । ଆଦିନାଥ କିମ୍ପା ଯୁଙ୍କୁ ଅଭିଶାପ ଦେଲେ ॥ ଜଗତର ଉଦ୍ଧାରଣକାରୀ ଯେଉଁମାନେ । ଏତେକ ଶାପ ତାହାଙ୍କୁ କହିଲେ କେସନେ ॥ ଆବର କହିଲେ ସେହୁ ବଡ଼ଇ ଅନ୍ୟାୟ । ଲେଉଟିଣ ଶାପ ପୁଣି ଦେଲେ ହୋଇ କୋହ ॥ ପଶୁଙ୍କ ପରାୟେ ସେହୁ କଲେ ହୀନକର୍ମ । ଏ ପାପ ହେତୁରୁ ସେହୁ ଲଭୁ ଗୋରୁ ଜନ୍ମ ॥ ଈଶ୍ୱର ନ ଜାଣି କଲ ଏତେ ବଡ଼ କର୍ମ । ମୁଖ ପରିହରି ପୁଣି କଲାକ ଅଧର୍ମ ॥ ଏ ହେତୁ ଗଳାରେ ହାଡ଼ମାଳମାନ ବନ୍ଧ । ଶ୍ମଶାନେ ଭ୍ରମଣ କରୁ ଯୋଗୀପ୍ରାୟ ହୋଇ । ଲେଙ୍ଗୁଟି ବିଭୂତି ବ୍ୟାଘ୍ର ଛାଲ ଆଦି ଧରୁ । ବୃଷଭରେ ଚଢି ବୁଲୁ ଯେସନେ ଭିକାରି ॥ ମାତାକୁ ହରିଲ ଲଜ୍ଜା ନ କରିଲ ମନେ । ସବୁଠାରେ ଲଜ୍ଜା ପାଉ ମୋହର ବଚନେ ॥ ଶାପ ଦିଅନ୍ତେ ନସ୍କାର ଏହି ପରକାରେ । ଗୋରୁରୂପ ଆଦି ନାଶ୍ୱ ବହିଲେ ସତ୍ୱରେ ॥ ଗୋରୁର ଚରଣ ଆଉ ମୁଖ ଆଦି କରି । ଲଞ୍ଜ ଗୋଟି ପଡ଼ିଅଛି ହୋଇ କେଉ କେଉ ॥ ଗୋରୁର ସ୍ୱରୂପ ହେବା ଦେଖି ଆଦିମାତା । ହରଙ୍କୁ ଚାହିଁ ମନରେ ହୋଇଲେ ଚିନ୍ତିତା ॥ ଧ୍ୟାନରେ ଜାଣିଲେ ଏହା ଅନାଦିର କର୍ମ । ଭେଣ୍ କଲ ମୋର ଅଙ୍ଗ ହୋଇଲା ଏସନ ॥ ଜଗତ ଜନଙ୍କ ମୁଖେ ଲଜ୍ଜା ଉପୁଜିଲା । ଜଗତେ କରିବେ ନିନ୍ଦା ମୋତେ ହିଏ ଭଲା ॥ ନଷ୍ଟପ୍ରାୟ ହେଲା ଅଙ୍ଗ ମୋର ବଡ଼ପଣ । ଏହା ଭାଳି ତାଙ୍କଠାକୁ କହିଲେ ପ୍ରମାଣ ॥ ଅନାଦି ନାଥଙ୍କ ପାଶେ ଆମ୍ଭେ ଅଛୁ ରହି । ଏହିକାଳେ ଆଦିମାତା ମିଳିଲେକ ଯାଇଁ ॥ ଆମ୍ଭେ ତାଙ୍କୁ ଦେଖି କରି ଚରଣେ ପଡ଼ିଲୁ । ଯହିଁ ଠିଆ ହୋଇଥିଲୁ ସେଠାରେ ରହିଲୁ ॥

ଅନାଦିଙ୍କ ପାଦେ ନମି କହିଲେ ଗୋମାତା । କିପାଁ ଅଭିଶାପ ଦେଲ
ଜଗତକର୍ତ୍ତା ॥ ପୁତ୍ରଙ୍କ କଥାରେ ଏତେ ଶାପକୁ ବହିଲ । ଅବର
ମୋତେ ଯେ ପୁଣି ଗୋରୂପ କଲ ॥ କିସ ଅପରାଧ ମୋର
ହୋଇଲା ଏଥିରେ । ନ ବୁଝି ଏତେକ ଶାପ ଦେଲ କିରୂପରେ ॥
ଈଶ୍ୱର ସାକ୍ଷାତେ ତବ କଳା ଧରି ଅଛି । ତେଣୁ ତାର ସମ୍ବନ୍ଧରେ
ଶୃଙ୍ଗାର ମୁଁ ଲଭିଛି । ମୋତେ ପୁଣି କେଉଁ କଥା ଅଗମ୍ୟ ବା ଅଛି ।
ବୁଝିଲେ ମୋହରଠାରୁ ସଂସାର ଜନ୍ମିଛି ॥ ମୁହିଁ ଅଟେ ଆଦିନାରୀ
ତୁମ୍ଭେ ଆଦିନାଥ । ଏତେ ଶାପ ଦେଲ ପ୍ରଭୁ ନ ବିଚାରି ଚିତ୍ତ ॥
ମାନ୍ୟ କଲ ଏ ବା ସଂସାରେ ମୋତେ ଯେ କରିବ । ପଶୁଜାତି ମଧ୍ୟେ ପୁଣି
ହୋଇଲଇଁ ଗାବ ॥ ଏଥକୁ କାରଣ ମୋତେ କହ ଅନ୍ତର୍ଯ୍ୟାମୀ ।
କପଟ ଶାପରୁ ମୁହିଁ ମୁକ୍ତ ହେବ ସ୍ୱାମି ॥ ଅପର୍ଣ୍ଣା ବଚନ ବାଣୀ ଶୁଣି
ଆଦିନାଥ । ବୋଇଲେ ଗୋ ଆଦିନାରୀ ନ ହୁଅ ଆରତ ॥ ମୋର
ଅଭିଶାପ ବାକ୍ୟ ହେବ ନାହିଁ ଆନ । ଅବଶ୍ୟ ଗୋରୂ ଜନମ
ଲଭିବନ୍ତି ପୁଣ ॥ ବ୍ରହ୍ମା ବିଷ୍ଣୁ ଶିବ ପିନା କଳା ଯେ ଅମ୍ବର ।
ଉଦ୍ଭବ ହୋଇଲେ ପୁଣି ଉଦରୁ ତୁମ୍ଭର ॥ ଯେଣୁ ତୁମ୍ଭର ଜଠରୁ
ହୋଇଲେ ସଞ୍ଜାତ । ଲୌକିକରେ ହେଲେ ପୁଣି ତୁମ୍ଭର ସେ
ସୁତ ॥ ତାଙ୍କ ସଙ୍ଗ ତୁମ୍ଭ ପ୍ରୀତି ଉଚିତ ନୁହଇ । ଲୋକଙ୍କ ମତରେ
ଏହା ନିନ୍ଦିତ ଯେ ହୋଇ ॥ ପିରତି କରିଲ ଯେବେ ମୋର କଳା
ଜାଣି । ତୁମ୍ଭ ଅଯଶ ସଂସାରେ ନ ଘୋଷିବେ ପ୍ରାଣୀ ॥ ଯେ ନିନ୍ଦିବ
ନିଷ୍ଟେ ସେହୁ ପାତକୀ ହୋଇବ ॥ ଶ୍ୱେତଯୁଗ ଗଲେ ପୁଣି ତାର ଗତି
ହେବ । ସକଳ ହୃଦୟେ ଯେଣୁ ବସତି ମୋହର । ଜଗତେ ଏ
କଥା ନିନ୍ଦା ନୋହିବ ତୁମ୍ଭର ॥ ମୋର ଅଭିଶାପ କେବେ ନ ହେବ
ଖଣ୍ଡନ । ଗାୟତ୍ରୀ ସ୍ୱରୂପେ ତୁମ୍ଭେ ଲଭିବ ଜନମ ॥ ବହୁସେ ତୁମ୍ଭର
ନାମ ଜପ ଯେ କରିବେ । ତୁମ୍ଭନାମ ଧରଣ ସେ ସଂସାରୁ ତରିବେ ॥
ତୁମ୍ଭ କାମନାରୁ ଜାତ ହୋଇବେ ଯେ ଗାଈ । ସେମାନେ କାମଧେନୁ

ଯେ ସଂସାରେ ବୋଲାଇ ॥ ତାହାଙ୍କଠାରୁ ଯେତେକ ଉତ୍ପୁଜିବେ ବଂଶ । ସେମାନେ କରିବେ ନଷ୍ଟେ ଜଗତଙ୍କୁ ରକ୍ଷା ॥ ସେମାନଙ୍କୁ ଆରାଧନା କରିବେ ସମସ୍ତେ । ଯେ ତାଙ୍କୁ ନିନ୍ଦିବେ ସେହୁ ଯିବେ ନର୍କପଥେ ॥ ଅନାଦିଙ୍କ ଏହୁ ବାଣୀ ଅଦମାତା ଶୁଣି । ଗୋରୂ ସ୍ୱରୂପେ ଅଇଲେ କରି ଘୋରବାଣୀ ॥ ତାହାଙ୍କ କୋଳରେ ବତ୍ସ ହୋଇଲେ ଅନେକ । ନିଜ କାମନାରୁ ଜାତ କରିଲେ ଅସଂଖ୍ୟ ॥ ଜଗତେ ବୃଦ୍ଧି ପାଇଲେ ଯେଣୁ ଗୋରୁକୁଳ ॥ ଅତ ନାରୀଙ୍କ ଅଙ୍ଗାରେ ଦଶଦିଗ ପାଳ ॥ ଗୋରୁଙ୍କର ଅଙ୍ଗରେ ସେ ରୋମାବଳୀ ହେଲେ । ବୃନ୍ଦାରକେ ମାତା ଅଙ୍ଗ ପାଇଣ ବସିଲେ । ଗୋରୁଙ୍କର ସେବରେ ଟି ଯେତେ ହୁଏ ଫଳ । ସେ କଥା ଶୁଣ ତୁ ଏବେ କୁନ୍ତୀଦେବୀ ବାଳ ॥ ଶତେ ଟମୂ ପ୍ରଜାଳିଲେ ଯେତେ ଫଳ ମିଳେ । ତେତେ ଫଳ ହୁଏ ଏକ ଗାଇ ସେବା କଲେ ॥ ଯେ ମହା ପାତକୀ ଗୋରୁ ହତ୍ୟା କରି ଥାଇ । ଯୁଗାନ୍ତ ପର୍ଯ୍ୟନ୍ତେ ସେହୁ ନର୍କରେ ପଡ଼ଇ ॥ ତଦପରେ ଅନ୍ୟଯୁଗ ଆସି ପ୍ରବେଶନ୍ତେ । ପଶୁ ଯୋନିରେ ଜନମ ହୁଏ ଜନ୍ମ ଶତେ ॥ ଗୋବଧ କରିବା ଲୋକ ଏତେ କଷ୍ଟ ପାଇ । ଜଦ୍ରୋଗୀ ଲୋକ ତହିଁରୁ ଅର୍ଦ୍ଧେକ ଭୋଗଇ ॥ ଦେଖନ୍ତା ବ୍ୟକ୍ତି ତହିଁରୁ ବଣ୍ଟାଏକ ପାଏ । ଏ ସବୁ କଥା କହିଲି ତୋତେ ଧନଞ୍ଜୟେ ॥ କହି ବସିଲେ ଏକଥା ଶେଷ ଯେ ନୋହିବ । ମନଯୋଗ କରି ପାର୍ଥ ଶୁଣିଲୁ ସବୁ ॥ ଶୁଣି କରି ଧନଞ୍ଜୟ ଅନନ୍ଦିତ ହେଲା । ଖଣ୍ଡିଲ ପାତକ ବୋଲି ପାଦରେ ପଡ଼ିଲା ॥ ହେ ଦୀନବାନ୍ଧବ ହରି ଅନନ୍ତ ଆଧାର । ହରେକୃଷ୍ଣ ଦାସ ସଦା ସେବେ ତୋ ପୟର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୋରୂଜନ୍ମ
ଏବଂ ମହାଦେବଙ୍କ ଯୋଗୀରୂପ ଧାରଣ ବିଷୟ କଥନେ
ନାମ ଅଷ୍ଟସପ୍ତତିତମୋଽଧ୍ୟାୟଃ ।

## ଊନାଶୀତିତମ ଅଧ୍ୟାୟ ।

ପୁନରପି ପୁଚ୍ଛାକରେ ବୀର ଅରଜୁନ । ଆହୁ ଭକ୍ତଙ୍କର କଥା କହ ଭଗବାନ ॥ ଏହି ନିବେଦନକରେ ତବ ପାଦତଳ । କହି ସନ୍ତୁଷ୍ଟ କରନ୍ତୁ ମୋତେ ଅବିମଳ । ଗୋବିନ୍ଦ ବୋଇଲେ ଶୁଣ ଅହେ ଧନୁର୍ଦ୍ଧର । ବିରୂପାକ୍ଷ ନାମେ ଥିଲା ଏକ ଯେ ଶବର ॥ ଜନ୍ତୁବଧ ବେଉସା ଯେ ଅଟଇ ତାହାର । ତାହା କରି ଅନ୍ନକରେ କରୁଥାଏ ଘର । ଏହା ବିନା ଅନ୍ୟବୃତ୍ତି ଆଉ ସେ ନ ଜାଣେ । ଛାଲି ଅଠାକାଠି ଧରି ବୁଲୁଥାଏ ବନେ । ସକାଳରୁ ସନ୍ଧ୍ୟାଯାଏ ଜୀବ ମାରୁଥାଏ । ତିଳେ ମାତ୍ର କାହାଠାରେ ଦୟା ଯେ ନ ଥାଏ ॥ ମାଂସଯାକ ପୋଡ଼ି ଖାଏ କ୍ଷୁଧା ପୁଣି କଲେ । ଅପକ୍ଷୀ ଧରିଲୁ ନେଇ ନଅଇ ସଙ୍ଗରେ ॥ ଯେତେ ଧରିଲୁ ନଅଇ ଯନ୍ତ୍ରୀ ତାର ଅଛି । ଚଳିରେ ବସାଇ ତାଙ୍କୁ ଯତ୍ନେ ରକ୍ଷେ ବଳି ॥ ଏହିରୂପ ପ୍ରତିଦିନ କରଇ ସେ ବ୍ୟାଧ । ଏକଦିନେ ଅଠାକାଠି ଧରିଣ ନିବୋଧ । ବନମଧ୍ୟେ ପଶି ପକ୍ଷି ଜୀବଙ୍କୁ ନାଶଇ । ସେଦିନ କାହାର ପୋଷାଶୁଆ ଉଡ଼ିଯାଇ ॥ ବୃକ୍ଷପତ୍ରେ ବସିଥିଲା ଆନନ୍ଦ ମନରେ । ରାମ ନାମ ପଢ଼ୁଥାଏ ଅତି ଉତ୍ସୁକରେ । ଏ ସମୟେ ସେହି ବ୍ୟାଧ ତାହାକୁ ଦେଖିଲା । ଲତା ଉହାଡ଼ରେ ଯାଇଁ ଲୁଚିଣ ବସିଲା ॥ ଅଠା କାଠି ଧରି ତାକୁ ଦେଲା ସେ ଲଗାଇ । ପକ୍ଷିଗୋଟି ପଡ଼ିଗଲା ତଳକାଡ଼ ହୋଇ । ଦେଖି ଶବର ତାହାକୁ ଧଇଲା ସାଉଁଟି । ମାରିବ ବୋଲି ତାହାର ଚିପୁଥିଲା ଚଣ୍ଟି । ବିକଳରେ ଶୁଆ ଗୋଟି ରାମ ରାମ କହେ । ତାହା ଶୁଣିଣ ଶବର ଚାଟକା ଯେ ହୁଏ । ବିଚାରଇ ଏ କଥାତ ଲାଗେ ଅଚମ୍ବିତ । ଏ ବନରେ ମାରଇ ମୁଁ ଜୀବଙ୍କୁ ସତତ । ରାମ ନାମ ପଦ ମୁହିଁ କେବେ ଶୁଣି ନାହିଁ । ପ୍ରାଣଯିବା ବେଳେ ପକ୍ଷୀ ଏମନ୍ତ ବୋଲଇ । ରାମ ନାମ କହିବାର କିସ ଯେ ମରମ । ଏ ପଦର ଅର୍ଥ କେମନ୍ତେ ହେବ ମୋତେ ଗମ୍ୟ । ଯାହା ହେଉ ଏ କଥାରେ ଉପୁଜେ ସନ୍ଦେହ । ଶୁଣିଲା ବେଳରୁ ମୋର ମନ ନୋହେ ଥୟ ॥ ଏ ରାମ

ନାମକୁ ମୁହିଁ ହୃଦେ ରଖିଅଛି । ଏଠାରୁ ଗଲେ ଲୋକଙ୍କୁ ଯାଇଁ ପଚାରିବି ॥ ଏତେ ଭାଳି ପକ୍ଷୀ ଶୁଆ ଗୋଟି ସେ ଛାଡ଼ିଲା । ଅଉ ପକ୍ଷୀ ଜାବମାର ବାନ୍ଧୁଛି ଅଇଲା ॥ ଭାବଇ ପକ୍ଷୀର କଥା ଅପୁ ଅପୁ ପଥେ । ରାମ ନାମ ବୋଲଇ ସେ କେବଣ ବା ଅର୍ଥେ ॥ ଶବର ପଲ୍ଲୀରେ ଯାଇଁ ଉପସ୍ଥିତ ହେଲା । ଗ୍ରାମ ଲୋକମାନଙ୍କୁ ସେ ଡକାଇ ଆଣିଲା ॥ ବନ୍ଧୁ ବାନ୍ଧବେ ଶବର ପୁଚ୍ଛଇ ତଦନ୍ତ । ଅପୂର୍ବ କଥା ଶୁଣିଲି ବନରେ ମୁହିଁତ ॥ ଶୁକପକ୍ଷୀ ଏକ ଗୋଟା ଆଜ ମୁଁ ଧଇଲି । ରାମ ନାମ କହନ୍ତେ ସେ ତାକୁ ମୁଁ ଛାଡ଼ିଲି ॥ ତୁମ୍ଭେମାନେ ଜାଣ କହ ଏହାର ବୃତ୍ତାନ୍ତ । ରାମ ନାମ ବୋଲିବାର ଅଟଇ କି ଅର୍ଥ ॥ ଗ୍ରାମର ଲୋକେ କହିଲେ ଅହେ ଭାଇ ଶୁଣ । ଏଥିର ଉତ୍ତର ଅମ୍ଭେ ଜାଣିନାହୁଁ ପୁଣ ॥ ଶବର ବୋଇଲା ଏହା ଯେବେ କେଉଁ ଜନ । କହିଦିଅନ୍ତା ନାଶଯାନ୍ତା ମୋ ସନ୍ଦେହମାନ ॥ ସେମାନେ ବୋଇଲେ ଯେବେ ନୋହିଲା ବିଶ୍ୱାସ । ଅନ୍ୟଗ୍ରାମ ଲୋକଙ୍କୁ ତୁ ପଚାରିଣ ଆସ ॥ ଏପରି ଶୁଣି ଶବର ଭାବନା କରଇ । କେଉଁପରି ଏହିକଥା ଅବା ବୁଝିବଇଁ ॥ ଦାରୁଣ ବିଧାତା ଆଣି ଦେଲା ଘୋର ଚିନ୍ତା । କେଉଁ ଅଡ଼େ ଗଲେ ଜନ୍ତୁ ମାରିବାର କଥା ॥ ରାମ ନାମ ପଦ ମୋର ହୃଦସ୍ଥ ଧାଣ୍ଡିଲା । ମରିବି କିବା ତରିବି ଜଣାନାହିଁ ଭଲା ॥ ରାମ ନାମ ପଚାରି ମୁଁ କ୍ଷୁଧାରେ ମଲି । କୁଟୁମ୍ବଙ୍କ ଚିନ୍ତା ଅଉ ବୁଝିବ କେ କାଲି ॥ ମୁହିଁ ଧଢମରେ କେତେ ଲୋକଙ୍କୁ ପଚାରି । ଏତେ ବୋଲି ଶବରର ଚିନ୍ତା ଅପେ ଧାରି ॥ ସେଠାରୁ ଅତି ସତ୍ୱର ଗମନ କରିଲା । ରାମ ନାମ ପଦ ତାର ମୁଖରେ ରହିଲା ॥ ଯାଇଁ ପହଞ୍ଚିଲା ଏକବୃଦ୍ଧ ଗ୍ରାମ ମଧ୍ୟେ । ତହିଁ ଥିବା ଲୋକଙ୍କୁ ସେ ପୁଚ୍ଛଇ ସ୍ୱବଧେ ॥ ଶୁକ ପକ୍ଷୀ ରାମପଦ କହିଲା କିପାଇଁ । ରାମ ରାମ ପଦ ପୁଣି କାହାକୁ ବୁଝାଇ ॥ ଜାଣିଥିଲେ କହ ଭାଇ ଏଥିର ବୃତ୍ତାନ୍ତ । ରାମ ନାମ ପଦର ସେ କେଉଁପରି ଅର୍ଥ ॥ ସେମାନେ ଶୁଣି କହିଲେ ଶୁଣ ରୁରେ ଭାଇ । ଯେଉଁ ଶୁକପକ୍ଷୀ ରାମ ପଦକୁ କହଇ ॥ କେଉଁ ମହାତ୍ମାର

ସେହୁ ପୋଷାଜୀବ ଗୋଟି । ତେଣୁ କରି ରାମ ନାମ ଅହର୍ନିଶି ରଟି ।
ଶବର ଚଳଲନ୍ତି ତହିଁ ଶୁଣଇ ଯେ କର୍ଣ୍ଣେ । ଅପଦ ବ ନାମପଦ ସେ
ପଦ ଶ୍ରବଣେ ॥ ଲୋକେ ବୋଇଲେ ଏହା ଯେ ଚୋର ଭଲ ହେଲା ।
ତାହାଙ୍କର ବଚନକୁ ପ୍ରତେ ସେ ନ ଗଲା ॥ ଅନ୍ୟ ଅନ୍ୟ ଗ୍ରାମମଧ୍ୟେ
ଯାଇଁ ପଶୁଇ । ପକ୍ଷୀ ରାମ ରାମ ପଦ ବୋଇଲା କପାଇଁ ॥ ସେମାନେ
ବୋଇଲେ ଭାଇ ମଙ୍ଗଳ ତୋହର । ରାମ ନାମ ପଦ ଯେଣୁ ଶୁଣିଲୁ
କର୍ଣ୍ଣର ॥ ଏହୁ କଥା ଗୋଟି ଚୋର ଭଲ ଯେ ହୋଇଲା । ପ୍ରତେ ନ
କରି ଶବର ଚିତ୍ତେ ବାହୁଡ଼ିଲା । ଏହୁପରି ପ୍ରତିଦିନ ଖଟଲେ ମନେ
ମନେ । କାହାର ଯୋଗେ ସନ୍ଦେହ ନ ଭୁଟଲା କେଣେ । ଶୟନ
ଭୋଜନ ବେଳେ ବ୍ୟବ୍ୟର କରଇ । ପକ୍ଷୀ ରାମ ରାମ ପଦ ବୋଇଲା
କପାଇଁ ॥ ଏରୂପେ ବହୁଣ ଚିତ୍ତେ ଗଲା କେତେଦିନ । ଶବରର
ମୃତ୍ୟୁକାଳ ହୋଇଲା ଘଟନ ॥ ତାହା ଜାଣି ଯମଦୂତେ ପ୍ରବେଶିଲେ
ଆସି । କରେ ଧରି ଅଛନ୍ତି ସେ ଲୌହଦଣ୍ଡ ଫାଶି ॥ ବ୍ୟାଧକୁ ନେବା
ନିମିତ୍ତ ଉପସ୍ଥିତ ହେଲେ । ଏ ସମୟେ ବିଷ୍ଣୁଦୂତେ ଆସି ପ୍ରବେ-
ଶିଲେ ॥ ତାଙ୍କୁ ଦେଖିକରି ଯମଦୂତେ ଭୟ ପାଇ । ପଳାଇ ଯାଇଣ
ପୁଣି ଖଣ୍ଡଦୂରେ ଥାଇ ॥ ଭାଳନ୍ତି ବିଷ୍ଣୁଦୂତେ ଏ ଅଟନ୍ତି ନିକର । ଯମପଶ
ଛଡ଼ାଇଣ ନେଲେ କି ଶୀଘ୍ର ॥ ଏ ଶବର ମହାପାପୀ ଅଟଇ କାଳକି ।
ଏହାକୁ କେତେ ନଅନ୍ତି ଧରି କଷ୍ଟ ତ୍ରୈଲୋକ । ଦଣ୍ଡ ଦେଇଥାନ୍ତୁ ଆମ୍ଭେ
ଏହାକୁ ନେଇଣ । ବାନ୍ଧି ପକାଇ ଥାଆନ୍ତୁ ରୌରବ ନର୍କେଣ ॥
କଲ୍ପପରିଯନ୍ତେ ପୁଣି ନର୍କ ଭୋଗିଥାନ୍ତା । ତତପରେ ଯା ହେବାର
ତା ଅବା ହୁଅନ୍ତା ॥ ଏ ପାପୀ ନେବେ ଯଦ୍ୟପି ବୈକୁଣ୍ଠ ଭୁବନ ।
ଯମ ଅଧିକାର ବୃଡଗଲା ଅଛି ପୁଣ ॥ ପୂର୍ବେ ଯମେ ବୋଲିଛନ୍ତି ପ୍ରଭୁ
ଭଗବାନ । ଜୀବ ଦ୍ରୋହକୁ ନେଇଣ ନର୍କେ ଦେବ ସ୍ଥାନ । ବିଶ୍ୱାସ-
ଘାତକୀ ପୁଣି ଏହି ଜୀବଦ୍ରୋହୀ । ପରଧନ ପ୍ରତିଦିନ ଚୋରଯେ କରଇ ॥
ସାଧୁଠାରୁ ଧନନେଇ ନ ଦ୍ୟଏ ସେ ପୁଣ । ଭକ୍ତି ପକାଏ ଅବର ଧର୍ମ

କୀର୍ତ୍ତିମାନ । ପତିବ୍ରତା ରମଣୀକୁ ଯେ କରେ ହରଣ । କୃଷ୍ଣେ ସମର୍ପିଲ ବସ୍ତୁ ମୈତ୍ରୀକରେ ପୁଣ ॥ ବ୍ରାହ୍ମଣୀମାନଙ୍କୁ ଯେନ୍ତୁ ବଳରେ ରମନ୍ତି । ଦାନ କୀର୍ତ୍ତିମାନ ଯେନ୍ତୁ ବଳେ ଖଣ୍ଡିଦେଇ ॥ ପରକୁ ପ୍ରମାଦ ପୁଣି ଚିନ୍ତେ ଅହୋରାତ୍ର । ସାଧୁ ଲୋକଙ୍କୁ ଯେ ନିନ୍ଦା କରଇ ସତତ ॥ ଗୋରୁ ବ୍ରାହ୍ମଣସ୍ତ୍ରୀଙ୍କୁ ହରେ ବଳାତ୍କାରେ । ପୋଷିବା ଜୀବ ମାରଇ ଯେ ଅକାରଣରେ ॥ ବିଷ୍ଣୁ ପ୍ରତିମାକୁ ନିନ୍ଦାକରେ ଯେଉଁ ନର । ଭୃତ୍ୟକୁ ଅଦୋଷେ ଦଣ୍ଡ ଦିଏ ଯେ ପାମର ॥ ଏମାନଙ୍କୁ ନେଇ ତୁମ୍ଭେ ନିଷ୍ଠୁରେ ଦଣ୍ଡିବ । ପୁଣି ବାନ୍ଧି ନେଇ ତାକୁ ନର୍କେ ପକାଇବ ॥ ନାନା ପରକାରେ ଦଣ୍ଡ ଦେବ ତାଙ୍କୁ ପୁଣି । କଳ୍ପେ ଯାଏ ନର୍କଭୋଗ କରିବ ସେ ପ୍ରାଣୀ ॥ ଯେବେ ବଂଶର ସୁକୃତ କିଛି ତାର ଥିବ । ତେବେ ତାହାକୁ ନର୍କରୁ ଉଦ୍ଧାର କରିବ ॥ ଏମନ୍ତ କହିଥିଲେ ପ୍ରଭୁ ଭଗବାନ । ଏବେ ସେ କଥା ସତ୍ୟ ହୁଏ ଅକାରଣ ॥ କୃଷ୍ଣଦୂତେ ବୋଇଲେ ଯେ ଯମଦୂତେ ଶୁଣ । ତୁମ୍ଭେ ଯାହା କହିଲଟି ଯଥାର୍ଥ ବଚନ ॥ ଏ ଶବର ପାପ ପୁଣ୍ୟ କିଛି ନ ଜାଣଇ । କେବଳ ଜୀବ ମାରଣେ ଗଲା ଯାର ଦେହି ॥ ଏହାର ଜୀବ ମାରଣ ଅଟେ ବ୍ୟବସାୟ । ଭଲ ମନ୍ଦ ପାପ ପୁଣ୍ୟ ନ ଜାଣେ ନିଶ୍ଚୟ ॥ ଶୁଅପକ୍ଷୀ ମୁଖୁ ରାମ ନାମ ପଦ ଶୁଣି । ଗ୍ରାମଲୋକମାନଙ୍କୁ ଏ ପଚାରିଲା ପୁଣି ॥ ଯେଣୁ ରାମ ନାମ ପଦ କର୍ଣ୍ଣରେ ଶୁଣିଲା । ତେଣୁ ଏହାର ହୃଦରେ ପେଶି ସେ ନାଚିଲା ॥ ସେ ରାମ ନାମକୁ ନିତ୍ୟ ଯେଣୁ ସୁମରିଲା । ଜନ୍ମବଧର ପାତକ ଏହାଠାରୁ ଗଲା ॥ ଅଜିଠାରୁ ତୁମ୍ଭେମାନେ କର୍ଣ୍ଣେ ଶୁଣିଥାଅ । ଅଜ୍ଞାନେ ପାପ କରଇ ଯେଉଁ ଦୁରାଶୟ ॥ କିଏ ପାପ କିଏ ପୁଣ୍ୟ କିଛି ଯେ ନ ଜାଣେ । ଯେ ଲୋକ ପଶୁସଙ୍ଗରେ ଗଣ୍ୟ ହୁଏ ଏଣେ । ସେହୁ ଯେବେ ଅଜ୍ଞାନରେ ରାମ ନାମ କହେ । ସକଳ ପାତକ ତାର ଦହି ହୋଇଯାଏ ॥ ତାଙ୍କଠାରେ ଅଧିକାର ତୁମ୍ଭେ ନ କରିବ । କରିଲେ ନିଶ୍ଚୟ ଜାଣ ଦଣ୍ଡକୁ ପାଇବ ॥ ଏଥିକୁ ସଂଶୟ ତୁମ୍ଭେ ନ କର ସେ

ମନେ । ଜନ୍ମପଛି ଅଗ୍ରତରେ ଜଣାଅ ବଦନେ । ଏତେ କହି ରଥପରେ ତାହାଙ୍କୁ ବସାଇ । ବୈକୁଣ୍ଠପୁରକୁ ନେଇଗଲେ ହର୍ଷ ହୋଇ ॥ ଶୁଣିଲୁତ ଅରଜୁନ ନାମର ବୃତ୍ତାନ୍ତ । ଅଜ୍ଞାନେ ଧଇଲେ ମଧ ହୁଏ ସ୍ୱର୍ଗପ୍ରାପ୍ତ ॥ ମୋର ନାମରେ ଯାହାର ବିଶ୍ୱାସ ଅଛଇ । ସେ ପ୍ରାଣୀ ନିଷ୍ଟେ ସଂସାର କୂପୁଁ ତରଯାଇ ॥ ସେ ରାମ ନାମକୁ ମୂହିଁ କରଣ ଆଶ୍ରୟ । ନାମରତ୍ନ ଗୀତା ଲେଖେ ହେ ବିବୁଧରାୟ ॥ ମୋରନାମ ହରେକୃଷ୍ଣ ଦାସ ଯେ ଅଟଇ । ରାମ ନାମ ପଦ ମୂହିଁ ସର୍ବଦା ବାଞ୍ଛଇ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ବିରୂପାକ୍ଷ ଶବର ବିଷୟ କଥନେ ନାମ ଊନାଶୀତିତମୋଽଧ୍ୟାୟଃ ।

---

## ଅଶୀତିତମ ଅଧ୍ୟାୟ ।

ପୁନରପି ପଚାରଇ ବୀର ଅରଜୁନ । ଆବର ଭକତ କଥା କହ ଭଗବାନ ॥ ତବ ମୁଖୁ ଶୁଣିଲେ ମୋ ଯିବ ପାପଭାର । ଆପଣ ଅଟନ୍ତି ସାକ୍ଷାତରେ ନିରାକାର ॥ ଶ୍ରୀହରି ବୋଇଲେ ଭୋ ହୋ ଶୁଣ କୁନ୍ତୀସୁତ । ଯେତେବେଳେ ଆମ୍ଭେ ବଇକୁଣ୍ଠରେ ଥିଲୁତ । ସାଧୂଦାସ ନାମେ ଥିଲା ଏକ ବିପ୍ରବର । ଶାନ୍ତ ଶୁଦ୍ଧବୁଦ୍ଧି ସେହୁ କରେ ଉପକାର ॥ ନାନାଶାସ୍ତ୍ର ବେଦ ପୁଣି ବିଚାରେ ପଣ୍ଡିତ । ଜାଣିଲା ଏହୁ ସଂସାର ଅଟଇ ଅନିତ୍ୟ ॥ ପୁତ୍ର ଭାଇ ପତ୍ନୀ ବନ୍ଧୁ ସବୁ ଅକାରଣ । କେବଳ ମାୟାରେ ପ୍ରାଣୀ ହୋଇଛୁ ବନ୍ଧନ ॥ ଏମନ୍ତେ ମନେ ତାହାର ବୈରାଗ୍ୟ ଜନ୍ମିଲା । ଧନ ଦାରା ପୁତ୍ର ଆଦି ସକଳ ତେଜିଲା ॥ ବନମଧ୍ୟରେ ପଶିଲା ଏକାକୀ ସେ ହୋଇ । ବ୍ୟାଘ୍ର ଭାଲୁ ସିଂହ ଦେଖି ଭୟ ନ କରଇ ॥ ଉନ୍ନତ ବୃକ୍ଷ ମୂଳରେ ବସିଲା ନିଷ୍ଟିନ୍ତେ । ଏକଲୟେ ମୋ ନାମକୁ ଧ୍ୟାଇ ହୃଦଗତେ ॥ ସର୍ବଦା ଜପ କରଇ ମୋର ନାମ ବସି । ମୋହର ସେବା ପୂଜାରେ ଥାଏ ଅହର୍ନିଶି ॥ ଯେଉଁଦିନ ଯେଉଁ ଫଳମୂଳ ସେ ଲଭଇ । ମୋତେ ସମର୍ପି ତାହା ସେ

ଭକ୍ଷଣ କରଇ ॥ ଖରା ବରଷା ଶୀତଲୁ ନ ଥାଇ ଯେ ଭୟ । କେବଳ ମୋର ନାମକୁ ଜପେ ଅହରହ ॥ ନାମ ଭଜନେ ଉଲ୍ଲାସ ହୁଏ ତାର ମତ । କେଉଁପରି ଦେଖିବଇଁ ପ୍ରଭୁ ଶ୍ରୀପଦ ॥ ଏହିରୂପେ ରହୁଥାଏ ବସି ବୃକ୍ଷ ମୂଳ । ମୋର ନାମ ଗୋଟି ପୁଣି କରି ଜପାମାଳ ॥ ଏକଦିନେ କଳପ୍ରିୟ ନାରଦ ଗୋସାଇଁ । ଯାଉଥିଲେ ସେହି ପଥେ ବୀଣାଯନ୍ତ୍ର ବାଇ ॥ ତାଙ୍କୁ ଦେଖି ବେଗେ ଉଠି ସାଧୁଦାସ ପୁଣି । ବୋଇଲା କେଣିକି ଯାଅ ଅହେ ତପୋମଣି ॥ ତା ବିନୟ ବାକ୍ୟ ଶୁଣି ବୋଇଲେ ମହର୍ଷି । ବୈକୁଣ୍ଠେ ଯାଉଛୁଁ ଦେଖିବୁଁ ଯେ ବ୍ରହ୍ମଋଷି ॥ ଶୁଣି କରି ସାଧୁଦାସ ଆନନ୍ଦିତ ହେଲା । ବିନୟରେ କରଯୋଡ଼ି ଏମନ୍ତ ବୋଇଲା ॥ ଅହେ ମୁନିବର ତୁମ୍ଭେ ଦରଶନ ସାର । ଆସିବା ବେଳେ ପ୍ରଭୁଙ୍କୁ ପୁଚ୍ଛିବ ଏଥର ॥ ଯେ ସାଧୁଦାସ ବସିଛି ତୁମ୍ଭ ରୂପ ଧ୍ୟାଇ । ପାପନେତ୍ରେ ଦେଖିବ କି ନ ଦେଖିବ ସେହି ॥ ଏହା ଶୁଣି ନାରଦ ଯେ ସେଠାରୁ ଗମିଲେ । ଅମ୍ଭଙ୍କୁ ଦର୍ଶନକରି ବାହୁଡ଼ିଣ ଗଲେ ॥ ସାଧୁଦାସର କଥାତ ତାଙ୍କ ମନେ ନାହିଁ । ବାହୁଡ଼ିଲେ ସେହିପଥେ ବୀଣାଯନ୍ତ୍ର ବାଇ ॥ ସାଧୁଦାସ ଅଗ୍ରେ ଯାଇଁ ପ୍ରବେଶ ହୋଇଲେ । ନାରଦେ ପୁଚ୍ଛିଲେ ହରି କି କଥା କହିଲେ ॥ ଯେ କଥା ମୋର ଅଗରେ କହ ତପିବର । ନାରଦ କହିଲେ ତାହା ମନେ ନାହିଁ ମୋର । ଦୁଃଖିତ ନ ହୁଅ କାଲି ବୁଝିଣ ଆସିବୁଁ । ସବୁକଥା ତୁମ୍ଭଙ୍କୁ ଯେ ବିସ୍ତାରି କହିବୁଁ ॥ ପ୍ରତ୍ୟହ ଏରୂପେ ଋଷି କହିଣ ଯାଆନ୍ତି । ବୈକୁଣ୍ଠ ଅସିଲାବେଳେ ତାହା ଭୁଲିଯାନ୍ତି । ଏରୂପେ ଚତୁର୍ଥଦିନ ଯହୁଁ ଗତଗଲା । ପଞ୍ଚମଦିନେ ଋଷିଙ୍କ ମନେ ତା ପଡ଼ିଲା ॥ ଅମ୍ଭର ପାଦପଦ୍ମକୁ କରିଣ ବନ୍ଦନ । ଭକତିରେ ସ୍ତବପାଠ କରିସାରି ପୁଣ ॥ ଅସିଲାବେଳେ ବୋଇଲେ ଅମ୍ଭଙ୍କୁ ଏସନ । ପ୍ରଭୁ କଥାଏ ପୁଚ୍ଛିବ ତୁମ୍ଭଙ୍କୁ ଏକ୍ଷଣ ॥ ଆପଣଙ୍କୁ କେଉଁକଥା ଅଛି ବା ଅଜଣା । ସାଧୁଦାସ ବସିଅଛି କରିଣ ଭାବନା ॥ ଦିନେ ସେହି ପଥଦେଇ ଆସୁଥିଲ ମୁହିଁ । ମୋତେ ଦେଖି ସାଧୁଦାସ

ଥିଲା ଗୋସାଇଁ ॥ ପାଦେପଡ଼ି ବିନୟରେ ବୋଇଲା ଏମନ୍ତ । କେଉଁଠାକୁ ଯାଉଅଛ ଆହେ ତପୋବନ୍ତ ॥ ମୁଁ ବୋଇଲି ଯାଉଛି ମୁଁ ବୈକୁଣ୍ଠ ଭୁବନ । ପ୍ରଭୁଙ୍କର ପାଦପଦ୍ମ କରିବି ଦର୍ଶନ ॥ ଶୁଣି ସାଧୁଦାସ ବୋଲେ ଏପରି ବଚନ । ମୋ କଥା ହରିଙ୍କୁ ତୁମ୍ଭେ ଜଣାଇବ ପୁଣ ॥ ତିନ୍ତୁଳି ବୃକ୍ଷ ମୂଳରେ ବସିଅଛି ମୁହିଁ । ଏ ଜନ୍ମେ ପ୍ରଭୁଙ୍କ ଦେଖା ପାଇବି କି ମୁହିଁ ॥ ଏତେକ କଥା ମୋହର ମନ୍ ନ ଭୁଲିବ । ଶ୍ରୀହରି ପାଦପଦ୍ମରେ ନିଷ୍ଟେ ଜଣାଇବ ॥ ତା କଥା ମୁଁ କାଳି ଭୁଲି ଗଲି ଅହେ ନାଥ । ଆପଣଙ୍କ ନିକଟରେ କହିଲି ଯଥାର୍ଥ ॥ ଅଛି ପୁଣି ଆସିବା ବେଳରେ ଭେଟ ହେଲା । ପ୍ରଭୁଙ୍କୁ କହିବ ବୋଲି ମୋତେ ସେ କହିଲା ॥ ଦୟାକରି କହ ପ୍ରଭୁ କି ବୋଲିବି ଯାଇଁ । ଏ ଜନମେ ତୁମ୍ଭ ଦେଖା ହୋଇବ କି ନାହିଁ ॥ ଶୁଣିକରି ହସ ହସି ହୋଇ ତହୁଁ ମୁହିଁ । ବୋଇଲି ନାରଦ ମୁନି ବାଉବାରି ପାଇଁ ॥ ହେ ଋଷିବର ବୋଲିବ ତାହାକୁ ଏମନ୍ତ । ଅବଶ୍ୟ ଦେଖା ପାଇବ ମୋହର ଭକତ ॥ ଯେ ତେନ୍ତୁଳି ବୃକ୍ଷମୂଳେ ବସି ଜପେ ମୋତେ । ସେହି ବୃକ୍ଷେ ଅଛଇଟି ଜାଣ ପତ୍ର ଯେତେ ॥ ତେତେ ବର୍ଷ ଯେବେ ସେହିମତେ ଭଜୁଥିବ । ତେବେ ଯାଇଁ ମୋର ରୂପ ଦର୍ଶନ ପାଇବ ॥ ଶୁଣିକରି ନାରଦ ଯେ ବିସ୍ମିତ ହୋଇଲେ । ଅମ୍ଭଙ୍କୁ ବିଦାୟ ମାଗି ବାହୁଡ଼ିଣ ଗଲେ । ଯେଉଁଠାରେ ରହିଥିଲା ସାଧୁଦାସ ପୁଣି । ସେଠାରେ ପ୍ରବେଶହେଲେ ସେ ନାରଦ ମୁନି ॥ ନାରଦଙ୍କୁ ଦେଖି ସାଧୁ ଉଠିଲା ସତ୍ୱର । ବେନିକର ଯୋଡ଼ି ପାଦେ କରେ ନମସ୍କାର ॥ ପ୍ରଚ୍ଛାକରେ କିସ ପ୍ରଭୁ ବୋଇଲେ ହେ ମୁନି । ନାରଦ ବୋଇଲେ ଅଛି ପଚାରିଲି ପୁଣି ॥ ସେ ବୋଇଲେ ବୃକ୍ଷେ ଯେତେ ଅଛି ପତ୍ର ପୁଣ । ତେତେ ବର୍ଷ ପରଯନ୍ତେ ଭଜୁ ମୋର ନାମ ॥ ତେବେ ଯାଇଁ ମୋହରଟି ହୋଇବ ସାକ୍ଷାତ । ଏହା ଶୁଣି ସାଧୁଦାସ ହେଲା ପୁଲକିତ ॥ କେତେ ଦେଖିବି ମୁହିଁ ପ୍ରଭୁ ଜଗନ୍ନାଥ । ଏତେ ଭାଳି ପ୍ରେମରସେ

ହୋଇଲା ସେ ଖେଳା । ବେନଭୁଜେ ନାରଦଙ୍କୁ ଅଙ୍କୋଳି ଧଇଲା । ଗଡ଼ାଗଡ଼ି ହୋଇ ଭୂତଳରେ ଗଡ଼ିଗଲା । ଭକ୍ତର ଏମନ୍ତ ପ୍ରେମ ଦେଖିକରି ମୁହିଁ । ବୈକୁଣ୍ଠପୁରରେ ଆଉ ନ ପାରିଲି ରହି । ସେହି କ୍ଷଣି ତାର ପାଶେ ପ୍ରବେଶ ହୋଇଲି । ତାହାର ପ୍ରେମରଜ୍ଜୁରେ ବନ୍ଧା ମୁହିଁ ହେଲି । ବେନଭୁଜେ ଭକ୍ତ ତାଙ୍କୁ ଧଇଲି କୁଣ୍ଢାଇ । ତାଙ୍କ ସଙ୍ଗେ ମୁହିଁ ମଧ ଗଡ଼ି ଗଲି ଯାଇଁ ॥ ନାରଦ ଦେଖିଣ ମୋତେ ହୋଇଲେ ଚକିତ । କରପତ୍ର ଯୋଡ଼ିକରି ପୁଚ୍ଛିଲେ ଏମନ୍ତ ॥ ତୁମ୍ଭେ ପରା କହିଥିଲ ଅହେ ପ୍ରଭୁ ମୋତେ । ଉନ୍ମୂଳ ବୃକ୍ଷରେ ପତ୍ର ଅଛି ପୁଣି ଯେତେ ॥ ତେତେବର୍ଷ ତପକଲେ ମୋ ଦେଖା ମିଳିବ । ଏ କ୍ଷଣି ଦର୍ଶନ ଆସି ଦେଲ କେଉଁ ଭାବ ॥ ନାରଦଙ୍କୁ ଶୁଦ୍ଧ ମୁହିଁ ବୋଇଲି ହେ ମୁନି । ଦେଖିବ ବୋଲି ସେ ଯେଉଁ ପ୍ରେମ ଦେଲା ପୁଣି ॥ ତହିଁରେ ମୋହର ମନ ଆସକ୍ତ ହୋଇଲା । ପ୍ରେମବଳରୁ ମୋତେ ସେ ଦର୍ଶନ କରିଲା ॥ ଧନ୍ୟ ଏହି ସାଧୁଦାସ ଧନ୍ୟ ଯାର ଗୁଣ । ନାହିଁ ନ ଥିବ ଯା ପରି ଜଣେ ତ୍ରିଭୁବନ ॥ ଧନ୍ୟ ଯାର ପିତା ମାତା ଧନ୍ୟ ମୁହିଁ ପୁଣ । ଏପରି ଭକ୍ତର ସଙ୍ଗେ ହୋଇଲା ମିଳନ ॥ ଏହି ପରକାରେ ତାଙ୍କୁ ପ୍ରଶଂସା କରି । ବୈକୁଣ୍ଠେ ଚଳିଲି ତହୁଁ ହୋଇ ଗାଣ୍ଡୀବଧାରୀ ॥ ଏମନ୍ତ ଭକ୍ତ ମୋହର ଜଗତରେ ଛନ୍ତି । ଶୁଣିକରି ଧନଞ୍ଜୟ ହେଲା ତୋଷମତି ॥ ନାମରତ୍ନଗୀତା ମୋର ଜଗତରେ ସାର । ହରେକୃଷ୍ଣ ଦାସ କହେ ପିଅ ପୁଣ୍ୟନର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରି ଅର୍ଜୁନସମ୍ବାଦେ ସାଧୁଦାସଙ୍କ ଚରିତ ବର୍ଣ୍ଣନେ ନାମ ଅଶୀତିତମୋଽଧ୍ୟାୟଃ ।

---

## ଏକାଶୀତିତମ ଅଧ୍ୟାୟ ।

ଶ୍ରୀହରିଙ୍କ ପାଦପଦ୍ମେ କରି ନମସ୍କାର । କରଯୋଡ଼ି ପୃଚ୍ଛାକଲେ ଅର୍ଜୁନ ବୀର ॥ ହେ ପ୍ରଭୁ ଅନାଥ ନାଥ ଜଗତର ପତି । ଅଜ୍ଞାନରେ

ମୁଗ୍ଧ ହୋଇଅଛୁ ମୌର ମତ ॥ ଆବର ଭକ୍ତଙ୍କ କଥା କହ ଭଗବାନ । କହିଣ ହୃଦୟୁଁ ମୋର ଛେଦ ପାପମାନ ॥ ଶ୍ରୀହରି ବୋଲନ୍ତି ଭୃଙ୍ଗେ ଶୁଣ ଏକଚିତ୍ତେ । ପୁରାତନ କଥା ଏକ କହୁଅଛୁ ତୋତେ ॥ ଶିକାର କରିବା ପାଇଁ ଜୟନ୍ତ ଶବର । ବନସ୍ତକୁ ଗଲା ହାତେ ଧରି ଧନୁଶର ॥ ଶିକାର ଖୋଜିଲା ଯାଇଁ ଅରଣ୍ୟ ମଧ୍ୟରେ । ସେଦିନ ତାହାକୁ କିଛି ନ ମିଳିଲା ଖରେ ॥ ଭ୍ରମୁ ଭ୍ରମୁ ଅସ୍ତାଚଳେ ଗଲେ ଦିନକର । ଚିନ୍ତାକୁଳେ ଅନେକ ଯେ କାନ୍ଦିଲା ଶବର ॥ ଭାର୍ଯ୍ୟା ପୁତ୍ର ମୋହେ ଘରେ ଚାହିଁ ବସିଥିବେ । ଶିକାର ବିହୀନେ ସେହୁ ବିଅର୍ଥେ ମରିବେ ॥ ହାୟ ରେ ଦାରୁଣ ଧାତା କି କର୍ମ କଲୁ । ଦଶ ପରାଣୀ ମୋହର ତଡ଼ାଇ ମାରିଲୁ ॥ ଶିକାର କରିଣ ସିନା କୁଟୁମ୍ବ ପୋଷଇ ॥ ଏହା ବିନା ଆଉ ଅନ୍ୟ ଉପାୟଟି ନାହିଁ । ଦରିଦ୍ର ଲୋକର ଜୀବ ଥିବା ଅକାରଣ ॥ କେବଳ ତାହାର ଚିନ୍ତା କୁଟୁମ୍ବ ପୋଷଣ । ପିନ୍ଧଇ ମୁଁ ଚିରିଲୁଗା ଦେହେ ବସ୍ତ୍ର ନାହିଁ ॥ ଏ ମାଘମାସ ଶୀତରେ ଅଙ୍ଗ ମୋ ଥରଇ ॥ ତେଲ ଅଭାବରେ କେଶ ଦିଶଇ ଲୁଖୁରା ॥ ଅନ୍ନଚିନ୍ତା ଜାଳିଦିଏ ଅତିଅନ୍ତ ଘାରା । ଏହା ଭାଳି ହସ୍ତେ ଧନୁଶର ଧରି ପୁଣି । ନିବିଡ଼ କାନନ ମଧ୍ୟେ ପ୍ରବେଶି ତକ୍ଷଣି ॥ ବୁଲଇ ସେ ଅବିଶ୍ରାନ୍ତ କ୍ଷୁଧା ଆଉତରେ । ଜୀବ ଖୋଜେ ଅହରହ ନ ବସି ବନରେ ॥ ଉପରକୁ ଦୃଷ୍ଟିଦେଇ କରଇ ଗମନ । ଅଦୃଷ୍ଟକୁ ନିନ୍ଦାକରି ବୋଲଇ ଏସନ ॥ ଆଜ କାହା ମୁଖଚାହିଁ ଆସିଥିଲି ମୁହିଁ ॥ ହାୟ କି କରିବି କିଛି ବୁଝି ହେଉନାହିଁ ॥ ଏହାଭାବି ଭ୍ରମୁ ଭ୍ରମୁ ଖଣ୍ଡେକ ଦୂରରେ । ଗୋଟିଏ ସୁନ୍ଦର ପକ୍ଷୀ ଦେଖିଲା ତରୁରେ ॥ ସେ ପକ୍ଷୀକି ଦେଖି ଅତି ଆନନ୍ଦ ହୋଇଲା । ମାରିବାକୁ ଧନୁରେ ସେ ଗୁଣକୁ ଯୋଖିଲା ॥ ସେ ପକ୍ଷୀକୁ ଲକ୍ଷ୍ୟକରି ମାରନ୍ତେଣ ଶର । ସେ ତାର ଚୋଟ ବିଅର୍ଥ ହୋଇଗଲା ତାର ॥ ପକ୍ଷୀ ଉଡ଼ିଯାଇଁ ଅନ୍ୟ ବୃକ୍ଷରେ ବସିଲା । ଏହା ଦେଖି ବ୍ୟାଧ ମନେ ଅଣ୍ଟ ସେ କରିଲା ॥ ଯେଉଁ ବୃକ୍ଷପରେ ପୁଣି ବସିଲା ସେ ଯାଇଁ ।

ପୁଣି ଶର ସନ୍ଧାନ କରନ୍ତି ତହୁଁ ଥାଇ ॥ ପୂର୍ବପର ଶରଗୋଟି ବ୍ୟର୍ଥରେ ଯେ ଗଲା । ପୁନରପି ଅନ୍ୟ ଏକ ଶର ସେ ପେଷିଲା ॥ ଭୟପାଇ ପକ୍ଷୀ ଗୋଟି ଗଲା ତହୁଁ ଉଡ଼ି । ଏ ଡାଳେ ସେ ଡାଳେ ବସି ଦଏ ଘୋରରଡ଼ି ॥ ତାର ପଛେ ବ୍ୟାଧ ଯାଏ ଯତ୍ନ କରେ ଯେତେ । କପଟ ବଧିବି ପକ୍ଷୀ ହୃଦରେ ଚିନ୍ତଇ ॥ କ୍ରମେ ଯାଉଁ ଯାଉଁ ଘୋର କାନନେ ପଶିଲା । ଅତି ଭୟଙ୍କର ସ୍ଥାନେ ଯାଇଁ ପ୍ରବେଶିଲା ॥ କଣ୍ଟାଝଟା ବାଜି ଦେହ ହେଲା ତାର କ୍ଷତ । ତଥାପି ଯେ ବ୍ୟାଧ ଗୋଟି ନୁହଇ ନିବୃତ ॥ କପଟ ମାରିବି ପକ୍ଷୀ ମନରେ ଚିନ୍ତିତ । କାହା ପ୍ରତି ଦୃଷ୍ଟି ନାହିଁ ଧାଏଁ ଅବିରତ । ଏକସ୍ଥାନେ ଗମଇ ସେ ଉପରକୁ ଚାହିଁ । ପକ୍ଷୀ ମାରଣରେ ମନ ଅଛି ବ୍ୟସ୍ତ ହୋଇ ॥ ଯାଉଁ ଯାଉଁ ଅକସ୍ମାତେ ଝୁଣ୍ଟି ସେ ପଡ଼ିଲା ॥ ଭୂତଳୁ ଉଠନ୍ତେ ଏକ ସାଧୁଙ୍କୁ ଦେଖିଲା ॥ ପଦ୍ମାସନେ ବସିଛନ୍ତି ଧ୍ୟାଇଣ ଶ୍ରୀହରି । ଗେରୁଆ ବସ୍ତ୍ର ପିନ୍ଧିଣ ଜଟା ବନ୍ଧକରି ॥ ଅଙ୍ଗେ ବିଭୂତି ଶୋହଇ ମହା ତେଜୋବନ୍ତ । ତାହାଙ୍କୁ ଝୁଣ୍ଟିଣ ବ୍ୟାଧ ହେଲା ବଡ଼ଭୀତ ॥ ଭାଳିଲା ମୁଁ ନୀଚଜାତି ମୋ ପାଦ ବାଜିଣ । ଋଷିଙ୍କର ତପଭଗ୍ନ ହୋଇଲା ଯେ ପୁଣ ॥ ନିଶ୍ଚେ ଅଭିଶାପ ଦେବେ ମହାକ୍ରୁଦ୍ଧ ହୋଇ । ହାୟ ମୋ କପାଳ ମନ୍ଦ କି କରିବି ମୁହିଁ ॥ ଚିନ୍ତାରେ ବ୍ୟାକୁଳ ହୋଇ ହେଲା ମୂଢ଼ବତ । ଅଗ୍ରରେ ଛିଡ଼ା ହୋଇଣ ଭାଳଇ ଏମନ୍ତ ॥ କେଉଁପଥେ ଯାଙ୍କ ଶାପୁଁ ରକ୍ଷା ମୁଁ ପାଇବି । ନତଶିରେ ଠିଆହେଲା ମନ ମଧ୍ୟେ ଭାବି ॥ ପରମ ଦୟାଳୁ ଋଷି ଜାଣି ତାର ମନ । ସନ୍ତୋଷେ ବୋଇଲେ ତାକୁ ହୋଇ ସୁପ୍ରସନ୍ନ ॥ ଚିନ୍ତା କାହିଁ ଚିନ୍ତା ନାହିଁ ଆହେ ବ୍ୟାଧବର । ଏଥିରେ ଅପରାଧ କିଛି ନାହିଁ ଯେ ତୋହର ॥ ଯେତେକ କହିଲେ ସାଧୁ ପ୍ରବୋଧନା କରି । ବ୍ୟାଧ ନ ଶୁଣଇ ତାହା ମନେ ଭୟଧରି ॥ ପୁଣି ପୁଣି କରଯୋଡ଼ି ସ୍ତବ ପାଠକରେ । ବିକଳରେ ଗଡ଼ିଯାଏ ଭୂତଳ ଉପରେ ॥ ବେନି ନୟନୁ ତାହାର ବହେ ନୀର ଧାର । ସ୍ନେହଭରେ ସାଧୁ ତାଙ୍କୁ

ଧଇଲେ ଯେ କର ॥ କିଛି ଦୋଷ ନାହିଁ ତୋର ଶୁଣ ଅହେ ବନ୍ଧୁ । ଯେଣେ ଇଚ୍ଛା ତେଣେ ଯାଅ ନ କହୁଛୁ ମିଛୁ ॥ ଏକଥାରେ ଅଣୁମାତ୍ର ସନ୍ଦେହ ନ କର । ଧର୍ମାତ୍ମା ମୁନିଙ୍କଠାରୁ ଶୁଣି ଏ ଉତ୍ତର ॥ କିଛିକ୍ଷଣ ଶବର ଯେ ହୋଇଣ ମଉନ । ପୁନରପି ମନମଧ୍ୟେ ଭାଳଇ ଏମନ ॥ ଯଦି ଋଷିଙ୍କର ମୁହିଁ କିଛି ଉପକାର । କରିପାରେ ତେବେ ଦୋଷୁ ଲଭିବି ନିସ୍ତାର ॥ ଏପରି ଭାବନା ବ୍ୟାଧ କରଇ ଅନ୍ତରେ । ମହାତ୍ମା ତପସ୍ୱୀ ତାହା ଜାଣି ହୃଦପୁରେ ॥ ସନ୍ତୁଷ୍ଟ ହୋଇଣ ପୁଣି ଭାଳିଲେ ଏମନ । ଏହାଦ୍ୱାରା ମୋରକାର୍ଯ୍ୟ ହୋଇବ ସାଧନ ॥ ଏହିକଥା ବିଚାରିଣ ବୋଇଲେ ସେ ମୁନି । ହେ ଶବର କ୍ଷମାକଲି ତୁମ୍ଭ ଦୋଷ ପୁଣି ॥ ଯେବେ ତୁମ୍ଭେ ଏକକାର୍ଯ୍ୟ କରିପାର ମୋର । ତେବେ ବହୁତ ସନ୍ତୋଷ ହୋଇବ ମୋହର ॥ ମୋର ଏକ ଛୋଟ ପୁଅ ଅଛଇ ଅବାଧ । କଥା ମାନେ ନାହିଁ ସେହି ବଡ଼ଇ ଦୁର୍ବୋଧ ॥ ତାହା ଯୋଗେ ଘର ଗ୍ରାମ ଛାଡ଼ିକରି ମୁହିଁ । ଗହନ କାନନ ମଧ୍ୟେ ତପସ୍ୟା କରଇ ॥ ଏ ବନ ଭିତରେ ସେହି କାହିଁ ଲୁଚିଅଛି । ମୋ ନିକଟେ ଆସୁନାହିଁ ଯେତେ ମୁଁ ଡାକୁଛି ॥ ଦେଖା ଦେଉନାହିଁ କିବା ଡାକ ଶୁଣୁ ନାହିଁ । ଅହର୍ନିଶି ବସିଛି ମୁଁ ତା ପଥକୁ ଚାହିଁ ॥ ଯେବେ ବନ୍ଧୁ ଦୟାକରି ସେ ପିଲାକୁ ମୋର । ଦେଇ ପାରନ୍ତ କରନ୍ତ ବହୁ ଉପକାର ॥ ତୁମ୍ଭେ ଯେତେ ଏହିକଥା ଗୋଟିକୁ କରିବ । ତେବେ ମୋହର ଦୋଷରୁ ନିସ୍ତାର ପାଇବ ॥ ଏହା ଶୁଣି ବ୍ୟାଧବର ହେଲା ଆନନ୍ଦିତ । ବେନିକର ଯୋଡ଼ି ପୁଣି ବୋଲଇ ଏମନ୍ତ ॥ ଏଥିପାଇଁ ତୁମ୍ଭେ କିଛି ନକର ଭାବନା । ସେ ପିଲାର ବର୍ଣ୍ଣ ଚିହ୍ନ କହିଦିଅ ଜନା ॥ ସର୍ବ ଶାସ୍ତ୍ର ବିଶାରଦ ସେ ମୁନିଗୋସାଇଁ । ବ୍ୟାଧ ମୁଖରୁ ଶୁଣିଣ ଏମନ୍ତ ଭାଷାହିଁ ॥ ବୋଇଲେ ନନ୍ଦର ଘରେ ଜନ୍ମି ବାଲ୍ୟକାଳେ । ଖେଳ ଖେଳୁଥିଲେ ସେହି ଗୋପସୁତ ମେଳେ ॥ ସେ କୃଷ୍ଣଙ୍କୁ ଧ୍ୟାନକରି ବ୍ୟାସ ତପୋଧନ । ଶାସ୍ତ୍ରରେ ବର୍ଣ୍ଣି ଅଛନ୍ତି ପୂର୍ବରୁ ଯେସନ ॥ ସେ ସମସ୍ତ

କହିଲେ ଯେ ଶବର ଅଗ୍ରତେ । ତାହା ଶୁଣି ବ୍ୟାଧ ମନେ ବିସ୍ମଇ ଚିତ୍ତେ ॥ ଅଶାନ୍ତମୟ ହୃଦୟ ଏବେ ଶାନ୍ତ ହେଲା । ଯାହାହେତୁ ଦୁଷ୍ଟଭାବ ଖଣ୍ଡନ ହୋଇଲା ॥ ଶାନ୍ତରସେ ପରିପୂର୍ଣ୍ଣ ହେଲା ତାର କାୟ । ଯହାଙ୍କୁ ଚିନ୍ତନ୍ତି ସଦା ଯୋଗି ମୁନିଚୟ ॥ ଅଦ୍ୟ ପ୍ରାନ୍ତକର ସବୁ ଶୁଣିଲା ତା ବଣି । ଭକ୍ତିଭରେ ରୋମାଞ୍ଚିତ ହୁଏ ବଡ଼ ଶକ୍ତି ॥ ପ୍ରସନ୍ନ ବଦନେ ବ୍ୟାଧ ବୋଲଇ ଏମନ୍ତ । କଷ୍ଟପ୍ତ ହେ ମୁନିବର ପାଇବନ୍ତି ସୁତ ॥ ଅବଶ୍ୟତ କାର୍ଯ୍ୟସିଦ୍ଧି ହୋଇବ ତୁମ୍ଭର । ଜାଣିଲି ଯେ ବାଳକନ୍ତି ଅଛି ଦୂରସ୍ଥର ॥ ବୃକ୍ଷଲତା ପଶୁ ପକ୍ଷୀ ଏକତ୍ରେ ମିଳଣ । ଶୁଭ ଧ୍ୱନି କଲେ ଶୁଭେ ଚଉଦ ଭୁବନ ॥ ଶୁଭ ଅଭିଷ ଘେନଣ ଚଳିଲା ଶବର । ମନେ ମନେ ସ୍ମରଇ ଶିଶୁ କଳେବର ॥ ଅଳ୍ପ ପଥ ଯାଇଁ ପୁଣି ଲେଉଟି ଅଇଲା । ମୁନିଙ୍କ ପାଦରେ ପଡ଼ି ଏମନ୍ତ ବୋଇଲା ॥ ମହାଶୟ ଭୁଲିଗଲି କେଉଁପରି ପୁତ୍ର । ମୁନି ବୋଇଲେ ଶୁଣ ରେ ମନଦେଇ ସୁତ ॥ ନବୀନ ନୀରଦପରି ତନୁ ତା ଦିଶଇ । ବେନି କର୍ଣ୍ଣରେ କୁଣ୍ଡଳ ଯୋଡ଼ି ବିରାଜଇ ॥ ଅଧରେ ମନ୍ଦହାସ ଯେ ଜନମନ ହରେ । ନାହିଁ ନ ଥିବ ଏପରି ରୂପ ତିନିପୁରେ ॥ ଏହିପରି ବ୍ୟାଧ ଯହୁଁ ସମସ୍ତ ଶୁଣିଲା । ପୁନରପି ବନମଧ୍ୟେ ଯାଇଁଣ ପଶିଲା ॥ କିଛିଦୂର ଯାଇ ପୁଣି ଅଇଲାକ ଫେରି । ବୋଇଲା ହେ ପ୍ରଭୁ ତାହା ହେଲି ଯେ ପାଶୋରି ॥ ଆଉ ଥରେ ଭଲରୂପେ କରନ୍ତୁ ବର୍ଣ୍ଣନ । ତାହା ପାଶୋରିଣ ଯାଏ ମୋର ପୁନଃ ପୁନଃ ॥ ତପସ୍ୱୀ ବୋଇଲେ ତାର ଅରକ୍ତ ନୟନ । ବେନିକର୍ଣ୍ଣେ କୁଣ୍ଡଳ ଯେ ଦଶେ ଦେଦୀପ୍ୟମାନ ॥ ରଙ୍ଗମାତରେ ପୁଣି ଶୋଭଇ ନୂପୁର । ପୀତବସ୍ତ୍ର ପିନ୍ଧିଅଛି ଦିଶେ ସେ ସୁନ୍ଦର ॥ ବଂଶୀ ମୁଖେ ଶୋଭପାଏ କଣ୍ଠରେ କିଙ୍କିଣୀ । ଶୁଣି ବ୍ୟାଧ ଦେହଠାରୁ ଗଲା ତତକ୍ଷଣି ॥ ସେହି ପ୍ରେମମୟ ରୂପ କରଣ ଭାବନା । ହୃଦୟ ମଧ୍ୟରେ ତାହା କରଣ ସ୍ଥାପନା ॥ ଖୋଜିବାକୁ ଚଳିଗଲା ସେ ଘୋର କାନନ । ଶୁଣ ଅରଜୁନ କହନ୍ତି ଯେ ଭଗବାନ ॥

ତେତେବେଳକୁ ବ୍ୟାଧର ମନ ସର୍ବଚିନ୍ତା । ପୁତ୍ର ଭାର୍ଯ୍ୟା ଭାଇ ବନ୍ଧୁ-ମାନଙ୍କର କଥା ॥ ପାଶୋରି ଗଲାଣି କିଛି ମନରେ ଯେ ନାହିଁ । କେବଳ ଏକଧ୍ୟାନରେ ଶ୍ରୀହରିଙ୍କୁ ଧ୍ୟାଇ ॥ କାହିଁ ବେଗେ କାହିଁ ସ୍ଥିର ଗମନ କରଇ । ଖଣ୍ଡେଦୂର ଯାଇ ପୁଣି ଚୌଦଗେ ଅନାଇ ॥ ଭାଳି ଭାଳି ଯାଉଁ ଯାଉଁ ଗହନ କାନନେ । ତାଙ୍କୁ ଦେଖାଦେଲୁଁ ଆମ୍ଭେ ଆସି ତତକ୍ଷଣେ ॥ ବିଶେଷରେ ବ୍ୟାଧ ତାର ଜ୍ଞାନ ଅନ୍ୟ କେତେ । ମୋର ରୂପ ଦୃଢ଼େ ତାର ରହି ନାହିଁ ଚିତ୍ତେ ॥ ଦେଖି ମୋତେ ଫେରିଆସୁ ସେ ପୁଣି ପଥରେ । ଏହିରୂପେ ବର୍ତ୍ତଇ ଆପଣା ଚରିତ୍ରେ ॥ ସେ ରୂପ ମୋହର ମନ ହୁଅଇ ଅନ୍ତର । ହୃଦସ୍ଥ ତାର ଚେଷ୍ଟିତ ନିଷ୍ଟସ୍ଥ ଏଥର ॥ ଏହିରୂପେ ଭ୍ରମ ଭାବି ନେଲୁଁଟି ଅଗମ୍ୟ । ତପସ୍ୱୀଙ୍କ ନିକଟରେ ଯାଇଁ ପ୍ରବେଶିଲା ॥ ମହାଶୟ ତବ ବାକ୍ୟେ ବନ୍ଧୁତ ଖୋଜିଲି । ବନ୍ଧୁଦୂରେ ଏକଗୋଟି ପର୍ବତ ଦେଖିଲି ॥ ଯେଉଁପରି କହିଥିଲ ଅପଣ ଯେ ମୋତେ । ଗୋଟିଏ ବାଳକ ଦେଖିଲଇଁ ମୁଁ ସାକ୍ଷାତେ ॥ ଥରେ ମାତ୍ର ଦେଖାଦେଇ କାହିଁ ଲୁଚିଗଲା । ଏଥିର କାରଣ କିଛି ବୁଝାଇ ନ ଗଲା ॥ ଏହା ଶୁଣି ସେ ତପୀ ହେଲେ ଆନନ୍ଦିତ । ମଙ୍ଗଳ ହୋଇବ ମୋର ଶ୍ରବଣେ ଯେ ଚିତ୍ତ ॥ ସେ ମହାତ୍ମା ଶବରଙ୍କୁ ପାଶକୁ ଡାକିଣ । ସଞ୍ଜୀବନୀ ମନ୍ତ୍ର ଦୀକ୍ଷା ଦେଲେ ତାର କର୍ଣ୍ଣେ ॥ ସେହି ଜ୍ଞାନକୁ ଶବର ଯତ୍ନେଁଟି ପାଇଲା । ତାହାର ହୃଦୟେ ପୂର୍ଣ୍ଣ ଜ୍ଞାନ ଉପୁଜିଲା ॥ ପୁନରପି ଶିଶୁ ଉଦ୍ଦେଶ୍ୟରେ ଗଲା ବନ । ଖୋଜିଲା କାନନେ ପଶି କରି ନିରୀକ୍ଷଣ ॥ ମୋ ରୂପକୁ ଭାଳି ଭାଳି ସେ ପୁଣ୍ୟାତ୍ମା ବ୍ୟାଧ । ବୁଦ୍ଧି ମୋଠାରେ ଦେବାରୁ ହୋଇଲି ନିସ୍ତବ୍ଧ ॥ ବ୍ୟାଧର ବାହ୍ୟକ ମନ ନିବୃତ୍ତ ହୋଇଲା । ହିଂସା ଛାଡ଼ି ପରିପୂର୍ଣ୍ଣ କାନନେ ପଶିଲା ॥ ଯାଉଁ ଯାଉଁ ସେହିପରି ପର୍ବତ ଶିଖରେ । ଶିଶୁରୂପେ ଦୃଶ୍ୟ ହେଲି ମୁଁ ତାହା ନେତ୍ରରେ ॥ ସେହିଠାରେ ବ୍ୟାଧ ଯାଇଁ ହୋଇଲା ପ୍ରବେଶ । ମୋ ରୂପ ଦେଖିବା ପାଇଁ ବଳିଛି ମାନସ ॥

କ୍ଷୁଧା ତୃଷା ସବୁ ତାର ହୋଇଲା ଅନ୍ତର । ଏକାନ୍ତ ଭକ୍ତିରେ ଧ୍ୟାନ କରିଲା ମୋହର ॥ ମନ ପ୍ରାଣ ମୋ ଚରଣେ ଦେଇ ଏକାନ୍ତରେ । ଭକତଭାବେ ବସିଲା ନିଶ୍ଚଳ ମନରେ ॥ ତାର ଭକ୍ତି ଦେଖି ମୁହିଁ ନ ପାରିଲି ସହି । ସେହି କ୍ଷଣି ଦରଶନ ଦେଲି ତାକୁ ଯାଇଁ ॥ ମୋରୂପ ଦର୍ଶନ କରି କ୍ଷଣକାଳ ସେହି । ଆନନ୍ଦେ ନାଚିଲା ପୁଣି କରତାଳି ଦେଇ ॥ ପ୍ରେମଭରେ ଆଲିଙ୍ଗନ କଲା ମୋତେ ଧରି । ତତପରେ ଚୁମ୍ବଦେଲା ବଦନେ ମୋହରି ॥ ତପସ୍ୱୀ ବାଳକ ବୋଲି ମନମଧ୍ୟେ ଧରି । କହିଲା ମୋତେ ଅନାଇଁ ବହୁତ ଧିକ୍କାରି ॥ ଏ ତ ଦୁଷ୍ଟପଣ ତୋର ଅରେ ରେ ଦୁର୍ମତି । ଏକ କଥା ଗୋଟି ଏବେ ଶୁଣ ତୁ ଝଟତି ॥ ଯେ ତୋର ପିତା ଅଟନ୍ତି ଅତି ପୂଜନୀୟ । କେଉଁ ପରି ନ ମାନୁଛୁ ତାଙ୍କ ବୋଲ କହ ॥ ଦୁଷ୍ଟବୁଦ୍ଧି ଏବେ ତୋର ଛାଡ଼ି ଦଅ ବାବୁ । ଚାଲ ଚାଲ ପିତାମୁଖ ଦର୍ଶନ କରିବୁ ॥ ଆସ ଆସ ମୋର ସଙ୍ଗେ ଭୟ ପରିହରି । ତାର କଥା ଶୁଣି ମୁହିଁ ବୋଇଲି ଏପରି ॥ ପିତ ପାଶେ ଯିବାପାଇଁ କହୁଛ ସୁମତି । ପିତାତ ମୋତେ ଅନ୍ତରେ ଭଲ ନ ପାଆନ୍ତି ॥ ମୋର ମନମତ କାର୍ଯ୍ୟେ ନ ଚଳନ୍ତି ସେହି । ସ୍ନେହଭରେ ନିଜପାଶେ କେବେ ଡାକ ନାହିଁ ॥ ସ୍ନେହରେ ମୋତେ ଯେବେହୁଁ ଡାକେ ଏକଥରେ । ତତକ୍ଷଣେ ମିଳଇ ମୁଁ ତାହାର ପାଶରେ ॥ ପିତାତ ଆଦର କରି ମୋତେ ନ ଡାକନ୍ତି । ତେଣୁ ତାଙ୍କ ପାଶେ ଯିବାପାଇଁ ନୋହେ ମତି ॥ ଏଣୁ ମୁହିଁ ତାଙ୍କ ପାଶେ କାହିଁପାଇଁ ଯିବି । ଗଲେ ପଛରେ ବହୁତ ଭର୍ତ୍ସନା ପାଇବି ॥ ବ୍ୟାଧ ବୋଇଲା ଯା ହେଉ ସେ ତୁମ୍ଭ ପିଅର । ତାହାଙ୍କୁ କ୍ରୋଧ କରିବା ଅନୁଚିତ ତୋର ॥ ଆଉ ଏକ କଥା ବାବୁ କହୁଛି ବୁଝାଇ । ତୋର ପିତା ପାଦେ ଦୋଷ କରିଅଛୁ ମୁହିଁ ॥ ତୁ ଯେବେ ନ ଯିବୁ ବାବୁ ମୋହର ସଙ୍ଗତେ । ସେ ଦୋଷ କଟିବ କେହ୍ନେ ତରିବ କେମନ୍ତେ ॥ ଯୁଧା କହ ଝୁଣ୍ଟେବା କଥା ସକଳ କହିଲା । ତୋତେ ନ

ନେଲେ ତରବ କଥ କେତ୍ତେ ଭଲ୍ଲ । ଏହିରୂପେ ସବୁ କଥା ବୁଝାଇ କହିଲେ । ଯିବ ବୋଲି ସନମତ କଲି ମୁଁ ତଦନ୍ତେ ॥ ଶୁଣିଣ ବ୍ୟାଧ ଆନନ୍ଦ ସାଗରେ ନିମଗ୍ନ । କୋଳକରି ନେଲା ତହୁଁ ଆନନ୍ଦ ହୋଇଣ ॥ ଯେଉଁଠାରେ ତପ କରୁଛନ୍ତି ତପୀବର । ସେହିଠାରେ ମୋତେ ନେଇ ମିଳିଲା ଶବର ॥ ବେନିକର ଯୋଡ଼ି ତପୀ ପଦରେ ପଡ଼ିଲା । ଦେଖି ତପୀ ତୁମ୍ଭ ଶିଶୁ ଅଣିଛୁ ବୋଇଲା ॥ ଶୁଣି ତପସ୍ୱୀ କର୍ମକୁ ବହୁତ ନିନ୍ଦା କରି । ମାୟାବଶେ ରୂପ ମୋର ଦେଖି ଯେ ନ ପାରି ॥ ପୂର୍ବ ଜନ୍ମାର୍ଜିତ ପୁଣ୍ୟ ତାର ଯେବେ ଥାନ୍ତା । ମୋରୂପକୁ ଅବଶ୍ୟ ସେ ଦେଖିଣ ଥାଆନ୍ତା ॥ ପୁନରପି ବ୍ୟାଧ ତାକୁ ବୋଲେ ମୁନିବର । ଏହି କି ତୁମ୍ଭ କୁମର ଚାହିଁ ଦେ ସତ୍ୱର ॥ ବ୍ୟାଧ ମୁଖୁ ଶୁଣି କହେ ସେ ତପସ୍ୱୀବର । ମନୋଭାବ ଗୁପ୍ତ କରି ବୋଲେ ଏ ପ୍ରକାର ॥ ହେ ଶବର ଏହି ଅଟେ ମୋହର ନନ୍ଦନ । ସତ୍ୱରେ ମୋରଠାରେ ହେବ କି ପ୍ରସନ୍ନ ॥ ଶୁଣି ସେକ୍ଷଣି ଶବର ବୋଇଲା ରେ ବାଳ । ପିତାପାଦରେ ସୁପ୍ରସନ୍ନ ହେବୁ କେଉଁ କାଳ ॥ ମୁଁ ବୋଇଲି ଶତଜନ୍ମ ତାର ଗତ ହେଲେ । ତେବେ ଯାଇଁ ପ୍ରସନ୍ନ ମୁଁ ହୋଇବଇଁ ଭଲେ ॥ ଏ ବାଣୀ ଶୁଣି ତପସ୍ୱୀ ତାଟକା ହୋଇଲା । ବଜ୍ରାହତ ବୃକ୍ଷ ତୁଲ୍ୟ ଚଳି ସେ ପଡ଼ିଲା ॥ ତଳେ ପଡ଼ି ଉଠି ପୁଣି ଭାଳଇ ଏମନ୍ତ । ଶତେକ ଜନ୍ମ ପରେ ମୁହିଁ ଦେଖିବି କି ସତ ॥ ଏହା ଭାବି ଜୀବ ତାର ବ୍ୟଥିତ ହୋଇଲା । ଝର ଝର ହୋଇ ନେତ୍ରୁ ଲୁହ ଯେ ବହିଲା ॥ ହୃଦୟ କମ୍ପରେ ଉଚ୍ଚେ କ୍ରନ୍ଦନ କରଇ । ତା ଧ୍ୱନିରେ ସେ କାନନ ପୂରିଣ ଉଠଇ ॥ ସେ ବନରେ ଯେତେ ପଶୁ ପକ୍ଷୀମାନେ ଥିଲେ । ବ୍ୟାକୁଳ ହୋଇଣ ସର୍ବେ ରୋଦନ କରିଲେ ॥ ସେ କାଳେ ମୁଁ ଯେତେ ପୁଣି କରିଲି ଉପାୟ । ସମ୍ଭାଳିଣ ନ ପାରିଲି ତାହାଙ୍କର କୋହ ॥ ମାୟାରେ ବିରାଟରୂପ ଧାରଣ କରିଲି । ମୋ ତେଜେ ଚତୁର୍ଦ୍ଦିଗକୁ ଆଲୋକିତ କଲି ॥ ମସ୍ତକ ଲାଗିଲା ଯାଇଁ ଗଗନ ମାର୍ଗରେ । ମୋର ରୂପ

ଦେଖିକରି ସେ ବ୍ୟାଧ ନେତ୍ରରେ ॥ ଧର୍ମ ଉପରେ ପଡ଼ିଣ ହେଲା ଜଡ଼ବତ । ତା ପିଣ୍ଡରୁ ଜ୍ୟୋତି ଏକ ହୋଇଲା ସମୁତ ॥ ମୋର ତେଜ ସଙ୍ଗେ ତାର ତେଜ ଗଲା ମିଶି । ଜଳ ସଙ୍ଗେ ମିଶିଯାଏ ଯେସନେ ଜଳରାଶି ॥ ଏକାଳେ ସ୍ୱର୍ଗେ ଦୁନ୍ଦୁଭି ବାଦ୍ୟକୁ ବାଇଲେ । ଅପସରାଏ ମଙ୍ଗଳ ସ୍ୱରରେ ଗାଇଲେ ॥ ଜୟ ଜୟ ଶବ୍ଦଧ୍ୱନି ଶୁଭେ ଅମ୍ବରତ । ଆକାଶମାର୍ଗରୁ ବୃଷ୍ଟି ହେଲା ପୁଷ୍ପଚୟ ॥ ମନୋହର ଦେଖାଗଲା ସେ କାନନ ଗୋଷ୍ଠ । ଏଥିଅନ୍ତେ ଯାହା ହେଲା ଶୁଣ ହେ କପିଷ୍ଟ ॥ ନ ଜାଣଇ ମୁନି ପୁଣ ଏ ଘଟନାମାନ । କ୍ଷଣ କ୍ଷଣେ ଉଠି ସେହି ଦେଖିଲେ ଏସନ ॥ ନିଜେ ରହିଥିଲେ ପୂର୍ବେ ଯେପରି ବନରେ । ଦେଖିଲେ ବ୍ୟାଧର ଶବ ପଡ଼ିଛି ସେଠାରେ ॥ ଏହା ଦେଖିଣ ତାଟକା ହେଲେ ମୁନିବର । କାହିଁ କାହାକୁ ନ ଦେଖି ବିସ୍ମୟ ଅନ୍ତର ॥ ପୁଣି ମନରେ ପଡ଼ିଲା ତାହାର ଏ କଥା । ଅଚେତନ ପୂର୍ବେ ଶୁଣିଥିଲା ଯେଉଁ କଥା ॥ ଜଳଦ ଗମ୍ଭୀର ସ୍ୱରେ ବୋଇଲା ଏସନ । ଅହେ ପ୍ରଭୁ କେଉଁ ଆଡ଼େ ଗଲ ଗତ ପୁଣ ॥ ମନରେ ଭାଳିଲା ଏହି ପରୀକ୍ଷାର ସ୍ଥାନ । ନିଶ୍ଚୟ ପ୍ରଭୁଙ୍କୁ ମୁହିଁ କରିବି ଦର୍ଶନ ॥ ଏତେ ଭାଳି ତପସ୍ୟାରେ ପୁଣି ହେଲା ରତ । ଧ୍ୟାନରେ ଚିନ୍ତା କରିଲା ମୋର ସ୍ୱରୂପତ ॥ ଏ ସମସ୍ତ କଥା ଶୁଣି ବୀର ଅରଜୁନ । କରଯୋଡ଼ି ପଚାରଇ ଅହେ ଭଗବାନ ॥ ଧନ୍ୟ ଆପଣଙ୍କ ମାୟା ବେଦେ ଅଗୋଚର । ନ ପାଇଲା ତପୀ କପୀ ଦର୍ଶନ ତୁମ୍ଭର ॥ ଜୀବହିଂସା ପ୍ରତିଦିନ କରେ ଯେଉଁ ବ୍ୟାଧ । ତା କପାଳେ ଥିଲା ଦେଖିବାକୁ ତବ ପାଦ ॥ ଅନାୟାସେ ବ୍ୟାଧ ବୃନ୍ଦାଲାଭ ଯେ କରିଲା । ଅନୁଗ୍ରହ କଲ ତାକୁ ମୁକତି ପାଇଲା ॥ ତେବେ ବିଚାର କରଇ ମନରେ ମୁଁ ଏହା ॥ ବ୍ୟାଧ ହେବା ଶ୍ରେୟସ୍କର ଅଟେ ତହୁଁବାହା । ବ୍ରାହ୍ମଣ, ଜନ୍ମ ହେବାର କିଛି କାର୍ଯ୍ୟ ନାହିଁ ॥ ପୂର୍ବ ସୁକୃତ ଫଳରୁ ମୁକତି ମିଳଇ ॥ ଜାଣିଲି ହେ ଜଗନ୍ନାଥ ହୃଦୟ ତୁମ୍ଭର । କପଟୀଙ୍କ ସରଦାର ଏହା

ଡାକନ୍ତି କପଟ । ଏବେ ଭୁମ୍ଭ ବିଗ୍ରହଟି ॥ ତୁମ୍ଭେ ତପସ୍ୱୀର ପକ୍ଷେ କଲ ଅବିଗ୍ରହ । ପାଶେ ଥାଇ ଦେଖା ଯାହା ନ ଦେଲ ଶ୍ରୀଧର ॥ କେତେ-କାଳୁଁ ସେହୁ ଆଶା କରି ବସିଥିଲା । ବାରବର୍ଷ ତପ ତାର ଅକାରଣ ହେଲା ॥ ନ କର ନ କର ପ୍ରଭୁ ଏମନ୍ତ ବିଚାର । ହରେକୃଷ୍ଣ ଦାସ ସଦା ତୁମ୍ଭର କିଙ୍କର ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଜପନ୍ତଶବର ଚରିତ ବର୍ଣ୍ଣନେ ନାମ ଏକାଶୀତିତମୋଽଧ୍ୟାୟଃ ।

—— * ——

## ଦ୍ୱ୍ୟଶୀତିତମ ଅଧ୍ୟାୟ ।

ପୁନରପି ପୁଚ୍ଛା କରେ ବୀର ଅରଜୁନ । ତତ୍ତ୍ୱଜ୍ଞାନ କଥା ମୋତେ କହ ଭଗବାନ ॥ ହସି କରି ଶ୍ରୀହରି ଯେ ବୋଇଲେ ଏସନ । ଦେହୀ ଭୋଗ କରେ ପୁଣି କୌମାର ଯୌବନ ॥ ଜରା ଯେରୂପେ ହୋଇଛି ସଂସାରେ ଉତ୍ପତ୍ତି । ସେରୂପେ ଆନ ଶରୀର ହୋଇଛି ପ୍ରାପତି ॥ ଏହା ଜାଣିଣ ପଣ୍ଡିତେ ତେଜ ମୋହବନ୍ଧ । ଶୀତଉଷ୍ଣ ସୁଖ ଦୁଃଖ ବିଷୟ ସମ୍ବନ୍ଧ ॥ ଯାହାଙ୍କୁ ନ ବାଧେ ଶୀତ ଉଷ୍ଣାଦିର କଥା । ସେହୁ ବ୍ୟକ୍ତି ନିଶ୍ଚେ ଜାଣ ଲଭେ ମୋକ୍ଷପନ୍ଥା ॥ ଶୀତଉଷ୍ଣ ସୁଖ ଦୁଃଖ ଏହା ଯେ ଅନିତ୍ୟ । ଏଥିରେ ମୁଗ୍ଧ ହୁଅନ୍ତି ଯେତେ ଅପଣ୍ଡିତ ॥ ଆତ୍ମା ମାରିବାକୁ କେହି ନାହିଁ ପୁଣି ନର । ସବୁବେଳେ ଜୀବଆତ୍ମା ଅଟଇ ଅମର ॥ ଆତ୍ମାଠାରେ ଜନମ ମରଣ ଉପଗତ । ହୋଇ ନ ପାରଇ କେବେ କୁନ୍ତୀଙ୍କର ସୁତ ॥ ଆତ୍ମାଗୋଟି ଅବିନାଶୀ ଥାଏ ସବୁଠାରେ । ସ୍ଥିରଭାବେ ଥାଏ ସେହୁ ସର୍ବ ଅବସରେ ॥ ଦୃଶ୍ୟରୂପ ନ ଛେଦ୍ୟେ ଯେ ଅନାଦି ଅଟଇ । ଅପ୍ରକଟ ସବୁ ଦେହେ ପରକଟେ ଥାଇ ॥ ଗୋଚର ନୁହଇ ଆତ୍ମା ଚକ୍ଷୁ ଆଦି କରି । ମନ ଚିତ୍ତ ତାକୁ କେହି ନ ପାରନ୍ତି ଧରି ॥ କର୍ମେନ୍ଦ୍ରିୟମାନଙ୍କରେ ନୁହେ ସେ ଗୋଚର । ଦେହ ଜଣର

ଅଟଇ ଆତ୍ମା ଅନଶ୍ୱର । ଜନ୍ମ ହେଲେ ମୃତ୍ୟୁ ମୃତ୍ୟୁ ହେଲେ ନଷ୍ଟେ ଜନ୍ମ । ହେଉଅଛି ଅନୁବ୍ରତେ ସଂସାରର କର୍ମ ॥ ଦେଖିଲେ ଶୁଣିଲେ ଆତ୍ମା ନୁହଇ ଜନମ । କେହି ତାକୁ ନ ଜାଣଇ ଅହେ ଅରଜୁନ । ଈଶ୍ୱରଙ୍କଠାରେ ଦୃଢଭକ୍ତି କରିବାକୁ । ସ୍ୱବଇ ଯେ ସ୍ଥିରବୁଦ୍ଧି ବୋଲନ୍ତି ତାହାକୁ ॥ ଅହେ ପାର୍ଥ ନାମରତ୍ନଗୀତା ମୋର ସାର । ନାମରତ୍ନଠାରୁ ବଳ ରତ୍ନ ନାହିଁ ମୋର । ତୁମ୍ଭେ ଏହାକୁ ଯଦ୍ୟପି ଯତନେ ରଖିବୁ । ଏ ଭବ ସିନ୍ଧୁରୁ ସୁଖେ ପାରହୋଇଯିବୁ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । ଅହେ ସାଧୁଜନେ ମୋର ନ ଘେନିବ ଦୋଷ ॥ ନମୋ ନମୋ ଦାମୋଦର କମଳାର ବର । ନମୋ ନମୋ ନନ୍ଦବାଳ ଗୋବର୍ଦ୍ଧନଧର ॥ ନମୋ ନମୋ ବନମାଳି ଗୋପୀନାଥ ମୂର୍ତ୍ତି । ନମୋ ନମୋ ଚଉବାହା ଦାରୁମୟ ମୂର୍ତ୍ତି ॥ ନମୋ ନମୋ ବୃନ୍ଦାବନପଞ୍ଚ ହେ ଗୋବିନ୍ଦ । ନମୋ ନମୋ ଶିଶୁ-ପାଳନାଶନ ମୁକୁନ୍ଦ ॥ ନମୋ ରୁକ୍ମିଣୀବଲ୍ଲଭ ନମୋ ଦଇତ୍ୟାରି । ହରେକୃଷ୍ଣ ଦାସ ସଦା ତୋ ପାଦ ଭିକାରୀ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ତତ୍ତ୍ୱଜ୍ଞାନ ବିଷୟ କଥନେ ନାମ ଦ୍ୱ୍ୟଶୀତିତମୋଽଧ୍ୟାୟଃ ।

ସମାପ୍ତ ।

Printed by H. K. Das, Chandrodaya Press, Cuttack.

[illegible] କଟକ [illegible]

[illegible] ମୋହର ।

[illegible]

ଅନ୍ନପୂର୍ଣ୍ଣା ଟ ୦ ୵
[illegible] ଦର୍ପଣ ଟ ୦ ୵
ଅ[illegible] ଚନ୍ଦ୍ରିକା ଟ ୦ ୵
[illegible] (ମୂଳ ଟୀକା) ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଗୀତା ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ( ଦ୍ୱିତୀୟ )
୧ମ ଭାଗ ଟ ୦ ।
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible]
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
କାର୍ତ୍ତିକ ମାହାତ୍ମ୍ୟ ଟ ୦ ୵

[illegible] ଟ ୦ ୵
[illegible] ଟ ୦ ୵
[illegible] କୋଇଲି ଟ ୦ ୵
[illegible] ଟ ୦ ୵
[illegible] କୋଇଲି ଟ ୦ ୵
କୋଇଲି [illegible] ଟ ୦ ୵
[illegible] ଟ ୦ ୵
[illegible] କୋଇଲି ଟ ୦ ୵
[illegible] କଥା ଟ ୦ ୵
[illegible] ଟ ୦ ୵
ଗୀତ [illegible] ଟ ୦ ।
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ୵
[illegible] ଟ ୦ ।
[illegible] ଟୀକା ଟ ୦ ।
[illegible] ଗୀତ ଟ ୦ ।

[illegible] } ଶ୍ରୀ [illegible] ଦାସ,
[illegible] ପ୍ରୋପ୍ରାଇଟର ।